# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 11, ISSUE NO. - 14, DATE : 16.09.2024 - 30.09.2024 FORTNIGHTLY (ODIA), BHUBANESWAR. PAGES-08


## ରାଜ୍ୟ ବିଜେପି ସରକାରର ଶହେ ଦିନ ପ୍ରତିଶ୍ରୁତି, ପ୍ରଚାର ଆଉ ବାସ୍ତବତା

ଇତି ମଧ୍ୟରେ ରାଜ୍ୟ ବିଜେପି ସରକାର ଶାସନ କ୍ଷମତାରେ ଶହେଦିନ ପୂରଣ କରିଛି। ପାଠକମାନଙ୍କର ସ୍ମରଣ ଥିବ ଯେ ଗତ ସାଧାରଣ ନିର୍ବାଚନ ସହିତ ରାଜ୍ୟ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ଦୀର୍ଘ ଦଶବର୍ଷ ଧରି କେନ୍ଦ୍ର ବିଜେପି ସରକାରକୁ ନିସର୍ତ୍ତ ସମର୍ଥନ ଦେଇ ଆସିଥିବା ବିଜେଡି ଦଳ ବିଜେପି ସହିତ ମେଣ୍ଟ କରି ନିର୍ବାଚନ ଲଢ଼ିବା ସଂପର୍କରେ ଚର୍ଚ୍ଚା ଚାଲିଥିଲା। ଏପରିକି ନିର୍ବାଚନର ଅଳ୍ପ କେତେ ମାସ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ସାଧାରଣ ସଭାରେ ସେତେବେଳେର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଭୂୟସୀ ପ୍ରସଂଶା କରିଥିଲେ। ମାତ୍ର ବିଭିନ୍ନ କାରଣରୁ ଶେଷ ପର୍ଯ୍ୟନ୍ତ ଏହି ଦୁଇ ଦଳ ମଧ୍ୟରେ ମେଣ୍ଟ ହୋଇ ନଥିଲା। ଭୋଟରେ ଜିତିବାପାଇଁ ବିଜେପି ଦଳ ଗୋଟିଏ ଦିଗରେ ଉଗ୍ର ଆଂଚଳିକତାବାଦର ଆଶ୍ରୟ ନେଇଥିଲା ଏବଂ ଜଗନ୍ନାଥଙ୍କୁ କେନ୍ଦ୍ର କରି ରାଜ୍ୟବାସୀଙ୍କ ମଧ୍ୟରେ ରହିଥିବା ଧର୍ମୀୟ ଆବେଗକୁ ଯେତେଦୂର ସମ୍ଭବ ଭୋଟ ସ୍ୱାର୍ଥରେ କାମରେ ଲଗାଇବାପାଇଁ ସମସ୍ତ ଉଦ୍ୟମ କରିଥିଲା। ଅନ୍ୟଦିଗରେ ଭୋଟରେ ଜିତିବାପାଇଁ ବିଜେପି ଦଳ ପ୍ରତିଶ୍ରୁତିର ବନ୍ୟା ବୋହି ଦେଇଥିଲା। ଏହାଫଳରେ ଗତ ବିଧାନସଭା ନିର୍ବାଚନରେ ବିଜେପି ଦଳ ପ୍ରଥମଥର ଏକକ ଶକ୍ତିରେ ରାଜ୍ୟରେ କ୍ଷମତାକୁ ଆସିଛି। ଏହାପୂର୍ବରୁ ୨୦୦୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ବିଜେପି, ବିଜେଡି ଦଳ ସହିତ ମେଣ୍ଟକରି ରାଜ୍ୟରେ କ୍ଷମତାରେ ରହିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ରରେ ଏହାର ଦଶ ବର୍ଷର ଶାସନ ମଧ୍ୟରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ ବିଜେପି ସରକାର ଏହାର ଗୋଟିଏ ହେଲେ ନିର୍ବାଚନୀ ଗ୍ୟାରେଣ୍ଟି ପାଳନ କରିନଥିଲେ ମଧ୍ୟ ଚଳିତ ନିର୍ବାଚନରେ ବିଜେପି 'ମୋଦିଙ୍କ ଗ୍ୟାରେଣ୍ଟି' ନାମରେ ଏହାର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଥିଲା। ଏହାବ୍ୟତୀତ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ 'ଓଡ଼ିଶା ପାଇଁ ମୋଦି ଗ୍ୟାରେଣ୍ଟି' ଶିରୋନାମାରେ ବିଜେପି ଦଳ ୬୦ ପୃଷ୍ଠାର ଏକ ସ୍ୱତନ୍ତ୍ର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଥିଲା। ଏହି ଇସ୍ତାହାରରେ ବିଜେପି ସରକାର ରାଜ୍ୟରେ କ୍ଷମତାସୀନ ହେବାର ୨୪ଘଣ୍ଟାରୁ ଆରମ୍ଭକରି ୧୦୦ଦିନ ମଧ୍ୟରେ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଅବଶ୍ୟ ୨୦୪୭ ମସିହା ସୁଦ୍ଧା, ଅର୍ଥାତ୍ ଦେଶର ସ୍ୱାଧୀନତାର ଶହେବର୍ଷ ପୂର୍ତ୍ତୀପରେ ଭାରତକୁ ବିକଶିତ ଦେଶରେ ପରିଣତ କରିବାପାଇଁ ନରେନ୍ଦ୍ର ମୋଦିଙ୍କ ଘୋଷଣାର ଅନୁସରଣ କରି ୨୦୩୬ ମସିହା ସୁଦ୍ଧା, ଅର୍ଥାତ ସ୍ୱତନ୍ତ୍ର ଓଡ଼ିଶା ଗଠନର ଶହେ ବର୍ଷ ପୂର୍ତ୍ତୀ ବେଳକୁ ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରାଯିବ ବୋଲି ବିଜେପି ପକ୍ଷରୁ ମଧ୍ୟ ଘୋଷଣା

(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)

## ବିଧାୟକମାନଙ୍କ ଦରମା, ଭତ୍ତା ଓ ପେନ୍‌ସନ ବୃଦ୍ଧି ପାଇଁ ଦାବି ଓ ରାଜ୍ୟର ଦୁର୍ଦ୍ଦଶାଗ୍ରସ୍ତ ଜନସାଧାରଣ

ଚଳିତ ରାଜ୍ୟ ବିଧାନ ସଭା ଅଧିବେଶନରେ ଗୋଟିଏ ପ୍ରସଙ୍ଗ ଉପରେ ଶାସକ ବିରୋଧି ନିର୍ବିଶେଷରେ ବିଭିନ୍ନ ଦଳ ମଧ୍ୟରେ ସହମତି ଦେଖିବାକୁ ମିଳିଛି। ପ୍ରସଙ୍ଗଟି ହେଉଛି ବିଧାୟକମାନଙ୍କ ଦରମା, ଭତ୍ତା ଓ ପେନନ୍‌ସନ ବୃଦ୍ଧି। ଏହା ସହିତ ବିଧାୟକମାନଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ସୁଯୋଗ ବୃଦ୍ଧିପାଇଁ ମଧ୍ୟ ବିଧାନସଭାରେ ଶାସକ ବିରୋଧୀ ନିର୍ବିଶେଷରେ ସମସ୍ତ ଦଳର ବିଧାୟକ ମାନେ ଦାବି କରିଛନ୍ତି। ସୁତରାଂ ଖୁବ ଶୀଘ୍ର ଆମ ରାଜ୍ୟରେ ବିଧାୟକମାନଙ୍କ ଦରମା, ଭତ୍ତା ଓ ପେନ୍‌ସନ ବୃଦ୍ଧି ପାଇବାକୁ ଯାଉଛି। ଏଠାରେ ସୂଚନାଯୋଗ୍ୟ ଆମ ଦେଶର ସାଂସଦ ଓ ବିଧାୟକମାନେ ଗୋଟିଏ ଥର ମାତ୍ର ନିର୍ବାଚିତ ହୋଇ ସମୁଦାୟ ୬ମାସ ସାଂସଦ ବା ବିଧାୟକ ଭାବରେ ରହିଲେ ସାରାଜୀବନ ପେନ୍‌ସନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇବାପାଇଁ ହକ୍‌ଦାର ହୁଅନ୍ତି।

ଉଲ୍ଲେଖଯୋଗ୍ୟ ଯେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କୁ ଅବସର ଗ୍ରହଣ ପରେ ଦିଆଯାଉଥିବା ପେନ୍‌ସନ ବ୍ୟବସ୍ଥାକୁ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନ ମନ୍ତ୍ରୀତ୍ୱ ସମୟରେ ବିଜେପି ନେତୃତ୍ୱରେ ପରିଚାଳିତ କେନ୍ଦ୍ର ଏନ୍‌ଡିଏ ସରକାର ୨୦୦୪ ମସିହାରୁ ଉଚ୍ଛେଦ କରିଦେଇଛନ୍ତି। ଏହି ପୁରୁଣା ପେନ୍‌ସନ ବ୍ୟବସ୍ଥା ସ୍ଥାନରେ ସରକାର ନୂଆ ପେନ୍‌ସନ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଯେଉଁ ବ୍ୟବସ୍ଥାରେ ସାରାଜୀବନ ସରକାରୀ ସେବା କରିଥିବା କର୍ମଚାରୀ ବୃଦ୍ଧାବସ୍ଥାରେ ବଂଚିବା ପାଇଁ ଆବଶ୍ୟକ ସର୍ବନିମ୍ନ ଆର୍ଥିକ ସହାୟତା ପାଇବା ସମ୍ଭବ ନୁହେଁ। ପୁଣି ଏହି ସାମାନ୍ୟ ପେନ୍‌ସନ ପାଇବାପାଇଁ ସମଗ୍ର ଚାକିରିକାଳରେ ପ୍ରତିମାସ କର୍ମଚାରୀଙ୍କୁ ତାଙ୍କ ଦରମାର ଗୋଟିଏ ଅଂଶ ସରକାରଙ୍କୁ ଦେବାକୁ ହୁଏ। ପେନ୍‌ସନ ଉଚ୍ଛେଦ ପ୍ରତିବାଦରେ ଦୀର୍ଘ ଦୁଇ ଦଶନ୍ଧିଧରି ସରକାରୀ କର୍ମଚାରୀମାନେ ଆନ୍ଦୋଳନ ଚଳାଇଛନ୍ତି ଏବଂ ପୁରୁଣା ପେନ୍‌ସନ ବ୍ୟବସ୍ଥା ପୁନଃ ପ୍ରଚଳନ କରିବାପାଇଁ ଦାବି କରୁଛନ୍ତି। ଏହି ଦାବିଫଳରେ କେତେକ ରାଜ୍ୟ ସରକାର ପୁରୁଣା ପେନ୍‌ସନ ବ୍ୟବସ୍ଥା ପୁନର୍ବାର ଚାଲୁ କରିଛନ୍ତି। ଅନ୍ୟ ଦିଗରେ ସଂପ୍ରତି ୪ଟି ରାଜ୍ୟରେ ଆସନ୍ନ ବିଧାନ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସରକାରୀ କର୍ମଚାରୀମାନଙ୍କୁ ପ୍ରତାରିତ କରିବାପାଇଁ ୟୁନିଫାଏଡ୍ ପେନ୍‌ସନ ସ୍କିମ୍(UPS) ଘୋଷଣା କରିଛନ୍ତି। ସରକାରଙ୍କର ଯୁକ୍ତି ହେଉଛି ସରକାରୀ କର୍ମଚାରୀଙ୍କ ପେନ୍‌ସନ ଅର୍ଥବ୍ୟବସ୍ଥା ଉପରେ ବୋଝ ହେଉଛି। ସରକାରଙ୍କ ରାଜସ୍ୱର ଏକ ବଡ ଅଂଶ କର୍ମଚାରୀମାନଙ୍କ ପେନ୍‌ସନ ବାବଦରେ ଖର୍ଚ୍ଚ ହେବାରୁ ଉନ୍ନୟନମୂଳକ କାମ, ଭିତ୍ତିଭୂମିର ବିକାଶ ତଥା ଦରିଦ୍ର ଲୋକଙ୍କର ଦାରିଦ୍ର୍ୟ ଦୂର କରିବାପାଇଁ ସରକାରଙ୍କ ପାଖରେ ଟଙ୍କା ରହୁନାହିଁ। ସେଥିପାଇଁ ପେନ୍‌ସନ ବ୍ୟବସ୍ଥା କାର୍ଯ୍ୟତଃ ଉଚ୍ଛେଦ କରାଯାଇଛି। ଏପରିକି ସାମରିକ ବାହିନୀରେ ମଧ୍ୟ ସ୍ଥଳ ସେନା, ବାୟୁସେନା ଓ ନୌସେନାରେ କାମକରୁଥିବା ସାଧାରଣ ସୈନିକମାନଙ୍କୁ ପେନ୍‌ସନ ଦେବାର ବାଧ୍ୟବାଧକତାକୁ ଏଡାଇଯିବାପାଇଁ କେନ୍ଦ୍ର ବିଜେପି ସରକାର ଅଗ୍ନିବୀର ଯୋଜନା ପ୍ରଚଳନ କରିଛି।

ସାଧାରଣ ଲୋକଙ୍କ ଉନ୍ନୟନ ଓ ଭିତ୍ତିଭୂମିର ବିକାଶ ଆଳରେ ପେନ୍‌ସନ ବ୍ୟବସ୍ଥାର ଉଚ୍ଛେଦ କରାଯିବାର ୨୦ବର୍ଷ ପରେ ମଧ୍ୟ ଦେଶର ସାଧାରଣ ଲୋକଙ୍କର କି ଧରଣର ଉନ୍ନୟନ ଘଟିଛି ସେକଥା ବହୁ ସରକାରୀ ଓ ବେସରକାରୀ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ବିଶ୍ୱ କ୍ଷୁଧା ସୂଚନାଙ୍କରେ ବିଶ୍ୱର ୧୨୫ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୧୧। ପୃଥିବୀର ସବୁଠାରୁ ଅଧିକ ଅଭୁକ୍ତ ଓ ଅର୍ଦ୍ଧଭୁକ୍ତ ଲୋକଙ୍କ ଦେଶ ହେଉଛି ଭାରତ। ଆମ ରାଜ୍ୟର ସାଧାରଣ ଲୋକଙ୍କ ଅବସ୍ଥା ଆହୁରି ଶୋଚନୀୟ। ଓଡ଼ିଶାରେ ଅପପୁଷ୍ଟିରେ ଶୀକାର ଶିଶୁ, ଅପପୁଷ୍ଟି ଯୋଗୁ ଓଜନ ଓ ଉଚ୍ଚତା ହ୍ରାସର ଶୀକାର ଶିଶୁଙ୍କ ଆନୁପାତିକ ହାର ଉଦ୍‌ବେଗ ଜନକ। ଗର୍ଭବତୀ ମହିଳା ଓ ମା' ମାନଙ୍କର ରକ୍ତ ହୀନତା, ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାର ଅତ୍ୟନ୍ତ ଭୟଙ୍କର। ବେକାରୀ ଆକାଶଛୁଆଁ। ପ୍ରତିଦିନ ହଜାର ହଜାର ଯୁବକ ଯୁବତୀ, ଚାଷୀ, କର୍ମଚ୍ୟୁତ ଶ୍ରମିକ ଦାଦନ ଶ୍ରମିକ ଭାବରେ ସମଗ୍ର ଦେଶରେ କାମର ସଂଧାନରେ ଘୁରି ବୁଲୁଛନ୍ତି। ଏହା ହେଉଛି ମୋଦିଙ୍କ

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ରାଜ୍ୟରେ ଶିକ୍ଷାର ଦୟନୀୟ ସ୍ଥିତି ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରସଙ୍ଗ

ଗତ ଅଗଷ୍ଟ ୩୧ତାରିଖ ଦିନ ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଟକ ମହାନଗର ନିଗମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାପାଇଁ କଟକ ଆସିଥିଲେ। ଏହି ଅବସରରେ ଐତିହାସିକ ରେଭେନ୍ସାର ନାମ ପରିବର୍ତ୍ତନ କରିବାପାଇଁ ନିଜର 'ବ୍ୟକ୍ତିଗତ' ମତ ରଖି ଏହା ଉପରେ ବିତର୍କ ପାଇଁ ଆହ୍ୱାନ ଦେଇଥିଲେ। ଶ୍ରୀ ପ୍ରଧାନଙ୍କ ମତ ହେଉଛି ୧୮୬୬ ମସିହାରେ ଓଡ଼ିଶାରେ ଦେଖାଦେଇଥିବା ଭୟାବହ ଦୁର୍ଭିକ୍ଷ ପାଇଁ ଓଡ଼ିଶା ଡିଭିଜନର ତତ୍‌କାଳୀନ କମିଶନର ଟି.ଇ ରେଭେନ୍ସା ଦାୟୀ ହୋଇଥିବାରୁ ତାଙ୍କ ନାମରେ ନାମିତ ଏହି ଶିକ୍ଷାନୁଷ୍ଠାନର ନାମ ପରିବର୍ତ୍ତନ କରାଯିବା ଆବଶ୍ୟକ। କାରଣ ଜଣେ ନରହନ୍ତା ବ୍ରିଟିଶ ଶାସକଙ୍କ ନାମରେ ଏହି ଶିକ୍ଷାନୁଷ୍ଠାନ ନାମିତ ହେବା ଗୋଲାମୀର ପ୍ରତୀକ ଏବଂ ଓଡ଼ିଆ ଅସ୍ମିତାର ପରିପନ୍ଥୀ। ଏଠାରେ ଆମେ ସୂଚାଇ ଦେବାକୁ ଚାହୁଁଯେ ୧୯୬୬ରେ ନଅଙ୍କ ଦୁର୍ଭିକ୍ଷରେ ସବୁଠାରୁ ଅଧିକ ପ୍ରଭାବିତ ଅଂଚଳ, ବର୍ତ୍ତମାନର ଅବିଭକ୍ତ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲା ବ୍ରିଟିଶ ଶାସିତ ଅବିଭକ୍ତ ବଙ୍ଗ ପ୍ରଦେଶର ଏକ ଡିଭିଜନ ଥିଲା ଏବଂ ଟି.ଇ ରେଭେନ୍ସା ଏହି ଡିଭିଜନର କମିଶନର ଥିଲେ। ଦୁର୍ଭିକ୍ଷ ପରବର୍ତ୍ତି ସମୟରେ ୧୮୬୮ ମସିହାରେ ବର୍ତ୍ତମାନ ରେଭେନ୍ସା ବିଶ୍ୱବିଦ୍ୟାଳୟ ଭାବରେ ପରିଚିତ ଶିକ୍ଷାନୁଷ୍ଠାନଟି ପ୍ରତିଷ୍ଠା କରାଯାଇଥିଲା। ପ୍ରତିଷ୍ଠା ସମୟରେ ଏହାର ନାମଥିଲା 'କଟକ କଲେଜ'। ଏହାର ୧୧ବର୍ଷ ପରେ, ଟି.ଇ ରେଭେନ୍ସା ଓଡ଼ିଶାରୁ ବିଦାୟ ନେବାର ୧ବର୍ଷ ପରେ, ଏହି କଲେଜ ପ୍ରତିଷ୍ଠାର ଅନ୍ୟତମ ମୁଖ୍ୟ ଉଦ୍ୟୋକ୍ତା ତଥା ଏଥିପାଇଁ ସବୁଠାରୁ ଅଧିକ ଆର୍ଥିକ ସହାୟତା ଦେଇଥିବା ତତ୍‌କାଳୀନ ମୟୁରଭଂଜ ଗଡଜାତ ରାଜ୍ୟର ରାଜାଙ୍କ ପ୍ରସ୍ତାବ, ଲଗାତର ଉଦ୍ୟମ ଏବଂ ଏହି ପ୍ରସ୍ତାବକୁ ସେତେବେଳର ବିଶିଷ୍ଟ ବ୍ୟକ୍ତିମାନଙ୍କର ସମର୍ଥନ ଫଳରେ ୧୯୭୯ ମସିହାରେ କଟକ କଲେଜକୁ 'ରେଭେନ୍ସା କଲେଜ' ନାମରେ ନାମିତ କରାଯାଇଥିଲା। ବିଗତ ୧୪୬ବର୍ଷ ଧରି 'ରେଭେନ୍ସା' ନାମଧାରୀ ଏହି ଶିକ୍ଷାନୁଷ୍ଠାନଟି ଉଚ୍ଚସ୍ତରର ଶିକ୍ଷା ଓ ଗବେଷଣା ପାଇଁ ସମଗ୍ର ବିଶ୍ୱରେ ଏହାର ପରିଚୟ ସୃଷ୍ଟିକରିଛି। କେବଳ ସେତିକି ନୁହେଁ, ସ୍ୱାଧୀନତା ଆନ୍ଦୋଳନ ଓ ଓଡ଼ିଶାର ନବଜାଗରଣ କ୍ଷେତ୍ରରେ ମଧ୍ୟ 'ରେଭେନ୍ସା' ଗୌରବୋଜ୍ଜ୍ୱଳ ଭୂମିକା ପାଳନ କରିଛି। ସେଥିପାଇଁ ମନ୍ତ୍ରୀଙ୍କର ଏହି ଆହ୍ୱାନ ରାଜ୍ୟର ଶିକ୍ଷାବିତ୍, ବୁଦ୍ଧିଜୀବୀ, ଏପରିକି ବିଭିନ୍ନ ବର୍ଗର ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିବା ଅସ୍ୱାଭାବିକ ନୁହେଁ।

ତେବେ ରେଭେନ୍ସା ନାମ ବଦଳକୁ କେନ୍ଦ୍ରକରି ବିତର୍କ ଚାଲିଥିଲାବେଳେ ସ୍ୱାଭାବିକ ଭାବରେ ଗୋଟିଏ ବିଷୟ ଆମ ନିଜର ଏଡାଇ ଯାଇପାରୁନାହିଁ। ତା' ହେଉଛି, ଗତ ବିଧାନସଭା ନିର୍ବାଚନ ସମୟରେ ରେଭେନ୍ସା କଲେଜ ଛକରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବା ଅବସରରେ କେନ୍ଦ୍ର ଓ ରାଜ୍ୟରେ ତାଙ୍କ ଦଳ ଜୟଯୁକ୍ତ ହୋଇ ସରକାର ଗଠନ କଲେ ରେଭେନ୍ସାକୁ ବିଶ୍ୱସ୍ତରୀୟ କରିବାର ପ୍ରଥମ ପଦକ୍ଷେପ ସ୍ୱରୂପ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ବୋଲି ଧର୍ମେନ୍ଦ୍ର ବାବୁ ଘୋଷଣା କରିଥିଲେ, ସେତେବେଳେ ମଧ୍ୟ ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥିଲେ। ନିର୍ବାଚନରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ତାଙ୍କ ଦଳର ସରକାର ପ୍ରତିଷ୍ଠା ହୋଇଥିବାରୁ ସ୍ୱାଭାବିକ ଭାବରେ ଆଶା କରାଯାଉଥିଲା ଧର୍ମେନ୍ଦ୍ରବାବୁ ରେଭେନ୍ସା ପ୍ରସଙ୍ଗରେ

(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)


### ଭିତର ପୃଷ୍ଠାରେ

★ ମୃତ୍ୟୁପଥର ଯାତ୍ରୀ ଭାରତୀୟ ରେଳବାଇ

★ ଶୋଷିତ ଶ୍ରେଣୀର ମୁକ୍ତିର ଦିଶାରୀ - ମହାନ ମାଓ-ସେ-ତୁଙ୍ଗ - ଜୀବନ ସଂଗ୍ରାମ ଓ ଚିନ୍ତା ଶିକ୍ଷାର ଏକ ସଂକ୍ଷିପ୍ତ ଆଲେଖ୍ୟ

## ରାଜ୍ୟ ବିଜେପି ସରକାରର ଶହେ. . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

କରାଯାଇଥିଲା। କେବଳ ସେତିକି ନୁହେଁ, ଉତ୍ତରପ୍ରଦେଶ ଓ ଆସାମ ଭଳି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଓଡିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରିବାପାଇଁ ନିର୍ବାଚନୀ ସଭାମାନଙ୍କରେ ଅତ୍ୟନ୍ତ ନିର୍ଲଜ ଭାବରେ ଘୋଷଣା କରିଥିଲେ।

ଏହି ପୃଷ୍ଠଭୂମିରେ ସର୍ବପ୍ରଥମ ବିଜେପିର ନିର୍ବାଚନୀ ଇସ୍ତାହାର ଓ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭକରି ରାଜ୍ୟସ୍ତରୀୟ ନେତାମାନେ ଦେଇଥିବା ନାନାଦି ମନଲୋଭା ପ୍ରତିଶୃତି ମଧ୍ୟରୁ ମୁଖ୍ୟ ପ୍ରତିଶୃତି ଗୁଡିକୁ ପାଠକମାନଙ୍କୁ ସ୍ମରଣ କରାଇଦେବା ଆବଶ୍ୟକ ମନେକରୁଛୁ। ବିଜେପି ଦେଇଥିବା ମୁଖ୍ୟ ପ୍ରତିଶୃତି ହେଉଛି, ଧାନର ସର୍ବନିମ୍ନ ସହାୟକ ଦର ୩୧୦୦ଟଙ୍କାକୁ ବୃଦ୍ଧି, ମଣ୍ଡିରେ କଟ୍‌ନୀ-ଛଟନୀ ବନ୍ଦ, ଧାନ ବିକ୍ରିଲବ୍ଧ ଟଙ୍କା ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାରେ ଜମା, ସୁଭଦ୍ରା ଯୋଜନାରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୫୦ହଜାର ଟଙ୍କାର ଭାଉଚର, ଯାହାକୁ ସେମାନେ ଦୁଇବର୍ଷ ମଧ୍ୟରେ ଭଙ୍ଗାଇ ପାରିବେ, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ଛାଡ, ସବୁ ହାତକୁ କାମ, କ୍ଷେତକୁ ପାଣି ଏବଂ ସବୁ ମୁଣ୍ଡକୁ ଛାତ, ସମାନ କାମକୁ ସମାନ ଦରମା ନୀତି ଅନୁଯାୟୀ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରେ କର୍ମଚାରୀଙ୍କ ଦରମା କ୍ଷେତ୍ରରେ ଥିବା ଅସଂଗତି ଦୂର କରିବା, ପ୍ରତ୍ୟେକ ମସ୍ଜୀବୀଙ୍କୁ ବର୍ଷକୁ ୧୦ହଜାର ଟଙ୍କାର ସହାୟତା, ୩ଲକ୍ଷ ୫୦ହଜାର ନୂଆ ଚାକିରି ସୃଷ୍ଟି, ଖାଲି ପଡିଥିବା ଦେଢ ଲକ୍ଷ ସରକାରୀ ପଦବୀ ମଧ୍ୟରୁ ୨ବର୍ଷ ମଧ୍ୟରେ ୬୫ହଜାର ପୂରଣ ଏବଂ ୧୦୦ଦିନ ମଧ୍ୟରେ ଏହି ପ୍ରକ୍ରିୟା ଆରମ୍ଭ, ୪୦ରୁ ୬୦ବର୍ଷର ବୁଣାକାରମାନଙ୍କୁ ମାସିକ ୩୦୦୦ ଓ ୬୦ବର୍ଷ ପରେ ୩୫୦୦ ଭତ୍ତା, କେନ୍ଦୁପତ୍ର ବିଡା ପ୍ରତି ୨ଟଙ୍କା କରିବା ଓ କେନ୍ଦୁପତ୍ର ତୋଳାଳି ଓ ବିଡି ଶ୍ରମିକମାନଙ୍କୁ ଯଥାକ୍ରମେ ଶତକଡା ୩୫ଭାଗ ଓ ଶତକଡା ୧୦ଭାଗ ବୋନସ ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୫ ଲକ୍ଷ ଘର, ତଫସିଲଭୁକ୍ତ ଜନଜାତି ପରିବାରର ଛାତ୍ରଛାତ୍ରୀମାନଙ୍କୁ ବର୍ଷକୁ ୫ହଜାର ଟଙ୍କା ପ୍ରଦାନ, ପ୍ରତ୍ୟେକ ବୟସ୍କ, ଦିବ୍ୟାଙ୍ଗ, ବିଧବା, ଅସହାୟ ଲୋକଙ୍କୁ ମାସକୁ ୩୫୦୦ ଟଙ୍କା ଭତ୍ତା, ପ୍ରତି ଜିଲ୍ଲାରେ ସରକାରୀ ମେଡିକାଲ କଲେଜ, ନର୍ସିଂ କଲେଜ ଓ ସୁପର ସ୍ପେସାଲିଟି ହାସପାତାଳ, ମେଡିକାଲ କଲେଜ ଓ ଗ୍ରାମାଂଚଳ ପାଇଁ ୩୦୦୦ ନୂଆ ଡାକ୍ତର ପଦବୀ ସୃଷ୍ଟିକରିବା, ରାଜ୍ୟରେ ୧୦୦୦ ନୂଆ ଶୀତଳ ଭଣ୍ଡାର, ଜଳସେଚିତ ଚାଷ ଜମିର ପରିମାଣ ୩ଗୁଣ କରିବା, କୃଷି ଯନ୍ତ୍ରପାତି ଉପରେ ଶତକଡା ୮୦ରୁ ୮୫ଭାବ ସବ୍‌ସିଡ୍ ଦେବା, ଧାନ ବ୍ୟତୀତ ସୋରିଷ, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଭଳି ଫସଲକୁ ସରକାର ସର୍ବନିମ୍ନ ସହାୟକ ଦରରେ ଖରିଦ୍ କରିବା, କପାଚାଷୀଙ୍କ ଦୁଃଖ ଦୂର କରିବା ଇତ୍ୟାଦି। ଏସବୁ ହେଉଛି ଆମ ବିଚାରରେ ବିଜେପି ର ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ପ୍ରତିଶୃତି। ଏହାବ୍ୟତୀତ ଆହୁରି ଶତାଧିକ ପ୍ରତିଶୃତି ବିଜେପିର ନିର୍ବାଚନୀ ଇସ୍ତାହାର "ଓଡିଶାପାଇଁ ମୋଦିଙ୍କ ଗ୍ୟାରେଣ୍ଟି"ରେ ଦେଖିବାକୁ ମିଳିବ।

ଏସବୁ ପ୍ରତିଶୃତିକୁ ବାଦଦେଲେ ଜଗନ୍ନାଥଙ୍କୁ କେନ୍ଦ୍ରକରି ରାଜ୍ୟର ଜନସାଧାରଣଙ୍କ ମଧ୍ୟରେ ରହିଥିବା ଧର୍ମୀୟ ଆବେଗକୁ କାମରେ ଲଗାଇ ଉଗ୍ର ଆଂଚଳିକତାବାଦ ସୃଷ୍ଟକରିବାପାଇଁ ଭିକେ ପାଣ୍ଡିଆନଙ୍କ ଦ୍ୱାରା ତାମିଲନାଡୁରେ ଲୁଚାଇ ରଖାଯାଇଥିବା ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ଓ ଲୁଟ କରି ତାମିଲନାଡୁ ନିଆ ଯାଇଥିବା ଜଗନ୍ନାଥଙ୍କ ସୁନା ରୂପା ଫେରାଇ ଆଣିବା, ଭଳି ମାରାତ୍ମକ ପ୍ରଚାର ମଧ୍ୟ କରାଯାଇଥିଲା।

ବର୍ତ୍ତମାନ ଦେଖାଯାଉ ରାଜ୍ୟ ବଜେପି ସରକାର ପ୍ରଥମ ୧୦୦ଦିନ ମଧ୍ୟରେ ଉପରୋକ୍ତ ପ୍ରତିଶୃତିଗୁଡିକୁ ପୁରଣ ପାଇଁ କି ଧରଣର ପଦକ୍ଷେପ ଗ୍ରହଣ କରିଛି। ବିଜେପି ସରକାରର ସବୁଠାରୁ ଆକର୍ଷଣୀୟ ପ୍ରତିଶୃତି ଥିଲା ଧାନ କ୍ୱିଣ୍ଟାଲପିଛା ୩୧୦୦ଟଙ୍କା କରିବା। ମାତ୍ର କେନ୍ଦ୍ର ସରକାର ଘୋଷଣା କରିଥିବା ଧାନର ସର୍ବନିମ୍ନ ସହାୟକ ଦର ଏହାଠାରୁ ଯଥେଷ୍ଟ କମ୍। ଅନ୍ୟପଟରେ ରାଜ୍ୟ ସରକାର ମଧ୍ୟ ଏଥିପାଇଁ ନିଜ ପାଣ୍ଠିରୁ ଅର୍ଥ ଭରଣା କରିବାପାଇଁ ଗତ ବଜେଟ୍‌ରେ କୌଣସି ଆର୍ଥିକ ବ୍ୟବସ୍ଥା କରିନାହାଁନ୍ତି। ସ୍ୱାଭାବିକ ଭାବରେ ଏହି ପ୍ରତିଶୃତି ଅନ୍ତତଃ ଚଳିତ ଅର୍ଥିକବର୍ଷରେ ପୂରଣ ହେବାର କୌଣସି ସମ୍ଭାବନା ନାହିଂ। ଏହାବ୍ୟତୀତ ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ କୃଷି ଶ୍ରମିକମାନଙ୍କ ପାଇଁ ଦିଆଯାଇଥିବା କୌଣସି ପ୍ରତିଶୃତି ପୁରଣ ହେବାର ସମ୍ଭାବନା ମଧ୍ୟ ନାହିଁ। କାରଣ ରାଜ୍ୟ ବଜେଟରେ ସେଥିପାଇଁ କୌଣସି ବ୍ୟୟ ବରାଦ କରାଯାଇନାହିଁ।

ଏହି ସରକାରର ସବୁଠାରୁ ପ୍ରଚାରିତ ଯୋଜନା ହେଉଛି 'ସୁଭଦ୍ରା' ଯୋଜନା। ଏହି ଯୋଜନା ଅନୁଯାୟୀ ରାଜ୍ୟର 'ପ୍ରତ୍ୟେକ' ମହିଳାଙ୍କୁ ୫୦ହଜାର ଟଙ୍କାର ଭାଉଚର ଏକ କାଳୀନ ଦିଆଯିବ ବୋଲି ପ୍ରତିଶୃତି ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ଏହି ଯୋଜନା ଭିନ୍ନ ଭାବରେ କାର୍ଯ୍ୟକାରୀ କରାଯାଉଛି। ବର୍ତ୍ତମାନ ସରକାରୀ ଘୋଷଣା ଅନୁଯାୟୀ ରାଜ୍ୟର ସମସ୍ତ ମହିଳା ଏହି ଟଙ୍କା ପାଇବା ପାଇଁ ଯୋଗ୍ୟ ନୁହଁନ୍ତି। କେଉଁ ମହିଳା ଏହି ଯୋଜନାରେ ସହାୟତା ପାଇବେ ସେ ସଂପର୍କରେ ସରକାର ଇତି ମଧ୍ୟରେ ମାର୍ଗଦର୍ଶିକା ପ୍ରକାଶ କରିଛନ୍ତି। ସରକାରଙ୍କ ଏହି ଘୋଷଣା ପରେ ସମଗ୍ର ରାଜ୍ୟରେ ଲକ୍ଷ ଲକ୍ଷ ମହିଳା ସୁଭଦ୍ରା ଟଙ୍କା ପାଇଁ ଆବେଦନ କରିବାପାଇଁ ଲଣ୍ଡଭଣ୍ଡ ହେଉଛନ୍ତି। ଲମ୍ୱା ଲାଇନରେ ଦଳାଚକଟା ମାରପିଟ ଏପରିକି ପୁଲିସର ବଳପ୍ରୟୋଗ ପର୍ଯ୍ୟନ୍ତ ବି ହେଉଛି। ଏଥିପାଇଁ ମହିଳାମାନେ ୧୦-୧୫ କିଲୋମିଟର ଚାଲି ଚାଲି ଆସିବା ଖବର ମଧ୍ୟ ଖବରକାଗଜରେ ପ୍ରକାଶିତ ହେଉଛି। ଅନ୍ୟପଟରେ ଲୋକଙ୍କ ଟିକସ ଟଙ୍କାରେ ସରକାର ସମଗ୍ର ରାଜ୍ୟରେ ହଜାର ହଜାର ସଂଖ୍ୟାରେ ସୁଭଦ୍ରା ଯୋଜନାର ପ୍ରଚାର ଗାଡି ବୁଲାଉଛନ୍ତି। ଏଗୁଡିକୁ ସୁଭଦ୍ରା ରଥ ବୋଲି କୁହାଯାଉଛି। ସୁଭଦ୍ରା ଯୋଜନା ସଂପର୍କରେ ମହିଳାମାନଙ୍କୁ ସଚେତନ କରିବା ଏବଂ ଏହି ଯୋଜନାରେ ଟଙ୍କାପାଇଁ ଆବେଦନ କରିବାପାଇଁ ଯୋଗ୍ୟ ମହିଳା ହିତାଧିକାରୀମାନଙ୍କୁ ସଚେତନ କରିବା ଏହି ରଥର ଉଦ୍ଦେଶ୍ୟ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି।

ବର୍ତ୍ତମାନ ଆସନ୍ତୁ ଦେଖିବା ଏହି ଯୋଜନାରେ କେଉଁ ମହିଳା ଟଙ୍କା ପାଇବେ ଏବଂ କେତେ ଟଙ୍କା ପାଇବେ। ପ୍ରଥମତଃ ସୁଭଦ୍ରା ଯୋଜନାରେ ଟଙ୍କା ପାଇବାପାଇଁ ଯୋଗ୍ୟ ମହିଳାମାନଙ୍କର ଆୟ ମାସକୁ ୧୫୦୦ଟଙ୍କା ଓ ବର୍ଷକୁ ୧୮ହଜାର ଟଙ୍କାରୁ କମ୍ ହୋଇଥିବ। କହିବା ବାହୁଲ୍ୟ ବର୍ତ୍ତମାନର ବଜାର ଦର ଯାହା ସେଥିରେ ବଂଚି ରହିଥିବା ଯେକୌଣସି ଲୋକ ନିଶ୍ଚିତ ଭାବରେ ମାସିକ ୧୫୦୦ରୁ ଅଧିକ ଟଙ୍କା ବ୍ୟୟ କରୁଥିବ। ଏଥିପାଇଁ ଆବେଦନ କରୁଥିବା ମହିଳାମାନଙ୍କୁ ଆୟ ପ୍ରମାଣପତ୍ର ବାହାର କରିବାକୁ ହେବ। ଏହି ପ୍ରମାଣପତ୍ରକୁ ଅଙ୍ଗନବାଡି ଦିଦି ମାନେ ଯାଞ୍ଚ କରିବେ, ଆୟ ପ୍ରମାଣପତ୍ର ସହିତ ଆବେଦନ ଫର୍ମ ପୂରଣ କରିବେ, ଏହାର ଫଟୋ କପି ଅନଲାଇନରେ ଅପଲୋଡ କରିବେ। ଏହାବ୍ୟତୀତ ସୁଭଦ୍ରା ଯୋଜନା ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ମିଳିଥିବା ରାସନ କାର୍ଡରେ ନାମ ଥିବା ଲୋକମାନଙ୍କୁ ଗୋଟିଏ ପରିବାର ବୋଲି ଗଣ୍ୟ କରାଯିବ। ସେହି ପରିବାରରେ କୌଣସି ବ୍ୟକ୍ତି ଚାକିରି କରୁଥିଲେ, କେନ୍ଦ୍ର ବା ରାଜ୍ୟ ସରକାରଙ୍କ ପେନ୍‌ସନ ପାଉଥିଲେ, ଆୟକର ଦେଉଥିଲେ, ପରିବାରର ୫ଏକର ଜଳସେଚିତ ବା ୧୦ ଏକର ଅଣ ଜଳସେଚିତ ଜମି ଥିଲେ, ଟ୍ରାକ୍ଟର, ଟାଟା ଏସି, ଅନ୍ୟ ଚାରିଚକିଆ ଗାଡି ବା ବ୍ୟବସାୟୀକ ଯାନ ଥିଲେ ବା ପରିବାରର ବାର୍ଷିକ ଆୟ ୨ଲକ୍ଷ ୫୦ହଜାର ହୋଇଥିଲେ ସେହି ପରିବାରର କୌଣସି ମହିଳା ସୁଭଦ୍ରା ଯୋଜନାରେ ସହାୟତା ପାଇବାପାଇଁ ଯୋଗ୍ୟ ହେବେ ନାହିଁ। ଏହାବ୍ୟତୀତ ହିତାଧିକାରୀଙ୍କ ବୟସ ୨୧ରୁ ୬୦ବର୍ଷ ମଧ୍ୟରେ ହୋଇଥିବ। ଏଥିରୁ ସ୍ପଷ୍ଟ ବୁଝି ହେଉଛି ଯେ ରାଜ୍ୟର ସମସ୍ତ ମହିଳା ନୁହଁନ୍ତି ମୁଷ୍ଟିମେୟ ମହିଳା ଏହି ସହାୟତା ପାଇବେ। କେବଳ ସେତିକି ନୁହେଁ ଏହି ପ୍ରକ୍ରିୟାରେ ସ୍ଥିର କରାଯାଉଥିବା ହିତାଧିକାରୀମାନେ ୫ହଜାର ଟଙ୍କା ଲେଖାଏଁ ବର୍ଷକୁ ଦୁଇଥର ଏବଂ ଆଗାମୀ ୫ବର୍ଷ ମଧ୍ୟରେ ଏହି ୫୦ହଜାର ଟଙ୍କା ପାଇବେ। ପ୍ରତିଶୃତି ମୁତାବକ ଏକାଥରେ ନୁହେଁ, ପୁଣି ଏଥିପାଇଁ ହିତାଧିକାରୀମାନଙ୍କ ଆଧାର କାର୍ଡକୁ ବ୍ୟାଙ୍କ ଖାତା ସହିତ ଯୁକ୍ତ କରିବାକୁ ହେବ ଏବଂ ବ୍ୟାଙ୍କ ଖାତା ଓ ଆଧାର କାର୍ଡରେ ନାମର ବନାନ ସମାନ ଥିବା ଆବଶ୍ୟକ। ସେଥିପାଇଁ ଆଧାରକାର୍ଡ ସଂଶୋଧନ ଓ ବ୍ୟାଙ୍କରେ ଖାତା ଖୋଲିବା ପାଇଁ ମଧ୍ୟ ମହିଳାମାନଙ୍କର ଲମ୍ୱା ଧାଡି ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାରେ ସୁଭଦ୍ରା ଯୋଜନା ବାବଦକୁ ଜମା ହେବାକୁ ଥିବା ଟଙ୍କାକୁ ସେମାନେ ବ୍ୟାଙ୍କରୁ ସିଧାସଳଖ ଉଠାଇ ଖର୍ଚ୍ଚ କରିପାରିବେ ନାହିଁ। ଆମ ଜାଣିବା ଅନୁଯାୟୀ ବ୍ୟାଙ୍କ ହିତାଧିକାରୀମାନଙ୍କୁ ଏକ 'ସୁଭଦ୍ରା କ୍ରେଡିଟ କାର୍ଡ' ପ୍ରଦାନ କରିବ। ଏହି କାର୍ଡରେ ଅନ୍ୟାନ୍ୟ କ୍ରେଡିଟ୍ କାର୍ଡ ଭଳି ହିତାଧିକାରୀମାନେ ଦୋକାନରୁ ଜିନିଷ କିଣି ପାରବେ। ତେବେ କେଉଁ ଦୋକାନରୁ ଏବଂ କି ପ୍ରକାର ଜିନିଷ ଏହି କାର୍ଡରେ କିଣାଯାଇ ପାରିବ ସେ ସଂପର୍କରେ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ନିର୍ଦ୍ଦେଶନାମା ଜାରୀ କରାଯାଇନାହିଁ। ପୁଣି ସରକାର ଘୋଷଣା କଲେ ଚଳିତ ମାସ ୧୭ତାରିଖରେ ପ୍ରଥମ କିସ୍ତି ଟଙ୍କା ମିଳିବ। ପୁଣି ଘୋଷଣା ହେଲା ଏହି ଯୋଜନା ଅନୁଯାୟୀ ସହାୟତା ପାଇଁ ୧୭ତାରିଖ ପରେ ମଧ୍ୟ ମହିଳାମାନେ ଆବେଦନ କରିପାରିବେ। ଏହି ଧରଣର ଅନିଶ୍ଚିତତା ଯୋଗୁ ଆବେଦନ ପାଇଁ ଦଳାଚକଟା ହେଉଛି। ମହିଳାମାନେ ହଟହଟା ହେଉଛନ୍ତି। କହିବା ବାହୁଲ୍ୟ ନିର୍ବାଚନ ପ୍ରଚାର ସମୟରେ ରାଜ୍ୟର ସମସ୍ତ ମହିଳାଙ୍କୁ ଏକକାଳୀନ ୫୦ହଜାର ଦେଇ ସ୍ୱାବଲମ୍ବୀ କରିବାପାଇଁ ବିଜେପି ନେତାମାନଙ୍କର ପ୍ରତିଶୃତି ଯେ କେତେ ବଡ ପ୍ରତାରଣା ତାହା ପ୍ରମାଣିତ ହୋଇଛି। ମାସକୁ ଏହି ଯୋଜନାରେ ହିତାଧିକାରୀ ମହିଳା ପାଇବେ ୮୩୩ ଟଙ୍କା ୩୩ ପଇସା ଆଉ ସେଥିପାଇଁ ଏତେ ସରକାରୀ ପ୍ରଚାର ଦଳାଚକଟା ଆଉ ଲୋକଙ୍କର ହଟହଟା। ପୁଣି ଏହି ଯୋଜନା କୁଆଡେ ଯୁଗାନ୍ତକାରୀ, ଯାହା ମହିଳାମାନଙ୍କୁ ଆତ୍ମନିର୍ଭର କରିବ ଏବଂ ସେମାନଙ୍କ ମନଗହନରେ ଲୁଚି ରହିଥିବା ଅପୂରିତ ସ୍ୱପ୍ନକୁ ସାକାର କରିବ ବୋଲି ବିଭାଗୀୟ ମନ୍ତ୍ରୀ ମହୋଦୟା ଖବର କାଗଜରେ ସ୍ତମ୍ଭ ଲେଖି ଦାବି କରୁଛନ୍ତି। ସମସ୍ତ ଭିନ୍ନକ୍ଷମ ବ୍ୟକ୍ତି ଓ ବରିଷ୍ଠ ନାଗରିକ ନୁହଁନ୍ତି ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସ ଓ ଶତକଡା ୮୦ ଭାଗ ଭିନ୍ନକ୍ଷମ ଲୋକଙ୍କୁ ହିଁ ମାସକୁ ୩୫୦୦ଟଙ୍କା ଭତ୍ତା ମିଳିବ। ଏହା ହେଉଛି ରାଜ୍ୟ ବିଜେପି ସରକାରର ଦ୍ୱତୀୟ ପ୍ରତାରଣା। ଏହାବ୍ୟତୀତ ପୂର୍ବ ବିଜେଡି ସରକାର ନୂଆ-ଓ ଯୋଜନାରେ କଲେଜ ଛାତ୍ରଛାତ୍ରୀମାନଙ୍କୁ ଦେଉଥିବା ବର୍ଷକୁ ୧୦,୦୦୦ ଓ ୧୧,୦୦୦ ଟଙ୍କାର ଅନୁଦାନ ବ୍ୟବସ୍ଥା ବର୍ତ୍ତମାନର ସରକାର ବନ୍ଦ କରି ଦେଇଛି। ଏହା ହେଉଛି ରାଜ୍ୟ ବିଜେପି ସରକାରର ବହୁ ପ୍ରଚାରିତ ଜନମଙ୍ଗଳକାରୀ ଆଭିମୁଖ୍ୟର ପ୍ରକୃତ ଚେହେରା।

ବର୍ତ୍ତମାନ ୩୦୦ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ଛାଡ କରିବାପାଇଁ ବିଜେପିର ମନଲୋଭା ପ୍ରତିଶୃତି ସଂପର୍କରେ ଆଲୋଚନା କରାଯାଉ। ନିର୍ବାଚନ ପ୍ରଚାର ଆରମ୍ଭ ହେଲାପରେ ବିଜେଡି ଦଳ ପୁନଃ ନିର୍ବାଚିତ ହୋଇ ସରକାର ଗଠନ କଲେ ୧୦୦ ୟୁନିଟ ବିଦ୍ୟୁତ ଶୁଳ୍କ ଛାଡ କରିବାକୁ ଘୋଷଣା କରିଥିଲା। ଏହାର ପ୍ରତିକ୍ରିୟାରେ ବିଜେପି ପକ୍ଷରୁ ୩୦୦ଶହ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ଛାଡ କରାଯିବ ବୋଲି ଘୋଷଣା କରାଯାଇଥିଲା ଏବଂ ଏହାକୁ ଗଣମାଧ୍ୟମ ଓ ବିଜ୍ଞାପନ ଜରିଆରେ ବ୍ୟାପକ ପ୍ରଚାର କରାଯାଇଥିଲା। ମାତ୍ର ନିର୍ବାଚନ ପରେ ଏହା ବିଜେପି ଦଳର ଆଉ ଏକ ମିଛ ପ୍ରତିଶୃତି ବୋଲି ପ୍ରମାଣିତ ହେଉଛି। ବର୍ତ୍ତମାନ ବିଜେପି ସରକାର ପକ୍ଷରୁ ଘୋଷଣା କରାଯାଇଛି ଯେ ପିଏମ୍ ସୂର୍ଯ୍ୟଘର ଯୋଜନା ଅନୁଯାୟୀ ଇଚ୍ଛୁକ ଲୋକଙ୍କୁ ସୋଲାର ପ୍ୟାନେଲ କିଣିବାକୁ ହେବ। ଏହା ଫଳରେ ସଂପୃକ୍ତ ବ୍ୟକ୍ତିମାନେ ପ୍ରକାରାନ୍ତରେ ୩୦୦ ୟୁନିଟ ମାଗଣା ବିଦ୍ୟୁତ ପାଇବେ। ଏହା ହେଉଛି ବିଜେପି ସରକାରର ଅସଲ ଚେହେରା। ଏହା ସର୍ବଜନବିଦିତ ଯେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ବିଜେପି ସରକାର ଅତୀତରେ ଏହାର କୌଣସି ଗୋଟିଏ ହେଲେ ନିର୍ବାଚନୀ ପ୍ରତିଶୃତି ପାଳନ କରିନାହିଁ। ବିଦେଶରୁ କଳାଟଙ୍କା ଫେରାଇ ଆଣି ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାରେ ୧୫ଲକ୍ଷ ଲେଖାଏଁ ଟଙ୍କା ଜମା କରିବା, ଚାଷୀମାନଙ୍କୁ ସ୍ୱାମୀନାଥନ କମିଟି ସୁପାରିଶ ଅନୁଯାୟୀ ଫସଲର ସର୍ବନିମ୍ନ ସହାୟକ ଦର ପ୍ରଦାନ କରିବା, ବର୍ଷକୁ ଦୁଇ କୋଟି ଚାକିରି ସୃଷ୍ଟି କରିବା ଇତ୍ୟାଦି ଦାବି ପୁରଣ କରିବା ଦୂରେ ଥାଉ ଏସବୁକୁ ନିର୍ବାଚନୀ ଜୁମ୍‌ଲା ବୋଲି ସ୍ୱୟଂ ଗୃହମନ୍ତ୍ରୀ ଅମିତ ଶାହା ଗଣମାଧ୍ୟମ ସମ୍ମୁଖରେ ଖୋଲାଖୋଲି ପ୍ରକାଶ କରିଛନ୍ତି। ସୁତରାଂ ରାଜ୍ୟ ବିଜେପି ସରକାରର ଏହି ଧରଣର ପ୍ରତାରଣା ଆମ ପାଇଁ ଅପ୍ରତ୍ୟାଶିତ ନୁହେଁ।

ଆହୁରି ମଧ୍ୟ ଏହି ସରକାର ଦ୍ୱାରା ବିଧାନ ସଭାରେ ପାଶ କରାଯାଇଥିବା ବାର୍ଷିକ ବଜେଟ୍‌ରେ ବିଭିନ୍ନ ବିଭାଗ ପାଇଁ କରାଯାଇଥିବା ବ୍ୟୟ ବରାଦକୁ ଦେଖିଲେ ସ୍ପଷ୍ଟ ବୁଝିହେବ ଯେ, ବିଜେପି ଦଳ ଗତ ବିଧାନ ସଭା ନିର୍ବାଚନ ସମୟରେ ଦେଇଥିବା, ଖାଲି ପଡିଥିବା ସରକାରୀ ପଦବୀରେ ନିଯୁକ୍ତି, ନୂଆ ପଦବୀ ସୃଷ୍ଟି କରିବା, ରାଜ୍ୟରୁ ପଳାୟନ ରୋକିବା, କୃଷକମାନଙ୍କୁ ସହାୟତା ଦେବା, ନୂଆ ମେଡିକାଲ କଲେଜ ଖୋଲିବା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କର ବିକାଶ ଘଟାଇବା ଭଳି କୌଣସି ଗୋଟିଏ ହେଲେ ପ୍ରତିଶୃତି ପୂରଣ କରିବା ଅନ୍ତତଃ ଚଳିତ ବିତ୍ତବର୍ଷରେ ସମ୍ଭବ ନୁହେଁ। କାରଣ ଏସବୁ ପାଇଁ ବ୍ୟୟ ବରାଦ ନାହିଁ। ସୁଭଦ୍ରା ଯୋଜନା ପାଇଁ ସରକାର ଋଣ କରିଛନ୍ତି। ଏହି ଋଣକୁ ରାଜ୍ୟର ଟିକସ ଦାତା ପରିଶୋଧ କରିବେ।

★★★

# ମୃତ୍ୟୁ ପଥର ଯାତ୍ରୀ ଭାରତୀୟ ରେଳବାଇ

ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୨୦୧୪ ମସିହାରେ ବିଜେପି ଦଳ କେନ୍ଦ୍ରରେ କ୍ଷମତାସୀନ ହେବାପରଠାରୁ ଦେଶରେ ଭୟାବହ ରେଳ ଦୁର୍ଘଟଣା ତଥା ଯାତ୍ରୀବାହୀ ରେଳଗାଡି ଓ ମାଲଗାଡି ଲାଇନଚ୍ୟୁତ ହେବା ଘଟଣା ଉଦ୍‌ବେଗଜନକ ଭାବରେ ବଢିଚାଲିଛି। ୨୦୧୪ରୁ ୨୦୨୩ ମସିହା ଶେଷ ପର୍ଯ୍ୟନ୍ତ ଏହି ଧରଣର ୬୩୮ଟି ରେଳ ଦୁର୍ଘଟଣା ଘଟିଛି। ଏଥିରେ ୭୮୧ ଲୋକ ମୃତ୍ୟୁବରଣ କରିଛନ୍ତି ଏବଂ ୧୫୪୩ ଜଣ ଗୁରୁତର ଭାବରେ ଆହତ ହୋଇଛନ୍ତି। ଏହା ସରକାରୀ ପରିସଂଖ୍ୟାନ। ବାସ୍ତବରେ ମୃତାହତମାନଙ୍କ ସଂଖ୍ୟା ଏହାଠାରୁ ଯଥେଷ୍ଟ ଅଧିକ। ସରକାରୀ ସୂତ୍ରରୁ ଦୈନିକ ବିଜନେସ ଷ୍ଟାଣ୍ଡାର୍ଡ ଖବର କାଗଜରେ ପ୍ରକାଶିତ ସମ୍ବାଦ ଅନୁଯାୟୀ ଗତ ୫ବର୍ଷ ମଧ୍ୟରେ ପ୍ରତ୍ୟେକ ମାସ ହାରାହାରି ୩ଟି ଲେଖାଏଁ ଗୁରୁତର ରେଳ ଦୁର୍ଘଟଣା ଘଟୁଛି। ଗତବର୍ଷ ବାହାନଗାଠାରେ ଘଟିଥିବା ଭୟାବହ ରେଳ ଦୁର୍ଘଟଣା ଆଜି ମଧ୍ୟ ସ୍ମୃତିରେ ତାଜା ରହିଛି। ନିକଟ ଅତୀତରେ ଝାଡଖଣ୍ଡର ବଡବାମ୍ବୋ ନିକଟରେ ହାଓଡା ମୁମ୍ବାଇ ମେଲ, ଜଳପାଇଗୁଡି ନିକଟରେ କାଞ୍ଚନଜଙ୍ଘା ଏକ୍ସପ୍ରେସ ଓ ଉତ୍ତରପ୍ରଦେଶର ଗୋଣ୍ଡାଠାରେ ଘଟିଥିବା ରେଳ ଦୁର୍ଘଟଣା ଉଲ୍ଲେଖ ଯୋଗ୍ୟ। ଏହାବ୍ୟତୀତ ନିକଟ ଅତୀତରେ ବହୁ ମାଲଗାଡି ଲାଇନଚ୍ୟୁତ ହୋଇଛି ଏବଂ ରେଳଗାଡିରେ ନିଆଁ ଲାଗିଛି। ଗତ ଏକମାସ ମଧ୍ୟରେ ରେଳ ଦୁର୍ଘଟଣାରେ ୧୭ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ସରକାରୀ ହିସାବ ଅନୁଯାୟୀ ୨୦୧୫ରୁ ୨୦୨୩ ମସିହା ମଧ୍ୟରେ ପ୍ରତିବର୍ଷ ହାରାହାରି ୫୬ଜଣ ଲୋକଙ୍କ ରେଳ ଦୁର୍ଘଟଣାରେ ମୃତ୍ୟୁ ହୋଇଛି।

ମହା ଆଡମ୍ବରରେ ଦେଶରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବନ୍ଦେ ଭାରତ ଏକ୍ସପ୍ରେସ ଉଦ୍‌ଘାଟନ ଗତ ୫ବର୍ଷ ମଧ୍ୟରେ ରେଳବାଇ ସହିତ ସଂପୃକ୍ତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ଭାବରେ ଗଣମାଧ୍ୟମରେ ସ୍ଥାନ ପାଇଛି। ୨୦୧୯ରୁ ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଏହିଭଳି ୫୦ଟି ବନ୍ଦେ ଭାରତ ଗାଡିର ଉଦ୍‌ଘାଟନ କରିଛନ୍ତି। ଏପରିକି ଗତ ସାଧାରଣ ନିର୍ବାଚନ ପୂର୍ବରୁ ଗୋଟିଏ ଦିନରେ ପ୍ରଧାନମନ୍ତ୍ରୀ ଏହି ଧରଣର ୧୦ଟି ବନ୍ଦେ ଭାରତ ଟ୍ରେନ ଉଦ୍‌ଘାଟନ କରିଥିଲେ। ଏହାବ୍ୟତୀତ ଆହୁରି ଅନେକଗୁଡିଏ ଦ୍ରୁତଗାମୀ ରେଳଗାଡି ଚଳାଚଳ କରିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ବୁଲେଟ୍ ଟ୍ରେନ ଚଳାଇବାପାଇଁ କେନ୍ଦ୍ର ସରକାର ପାଣିଭଳି ଟଙ୍କା ଖର୍ଚ୍ଚ କରୁଛନ୍ତି। କହିବା ବାହୁଲ୍ୟ, ଏଗୁଡିକ ଅତ୍ୟନ୍ତ ବ୍ୟୟବହୁଳ ଓ ଏହି ରେଳଗାଡି ଗୁଡିକରେ ଯାତାୟାତ କରିବା ସାଧାରଣ ଲୋକଙ୍କ କ୍ଷମତା ବାହାରେ। ତେବେ ଜାକଜମକରେ ନୂଆ ରେଳଗାଡି ଉଦ୍‌ଘାଟନ କରୁଥିବା ପ୍ରଧାନମନ୍ତ୍ରୀ କିନ୍ତୁ ସାଧାରଣ ରେଳ ଯାତ୍ରୀ ସମ୍ମୁଖୀନ ହେଉଥିବା ଦୂରାବସ୍ଥା ଓ ଗୋଟିଏ ପରେ ଗୋଟିଏ ରେଳ ଦୁର୍ଘଟଣା ପ୍ରସଙ୍ଗରେ ମୁହଁ ଖୋଲୁ ନାହାନ୍ତି। ସୂଚନାଯୋଗ୍ୟ ପ୍ରତିଟି ରେଳ ଦୁର୍ଘଟଣା ପରେ କରାଯାଉଥିବା ତଦନ୍ତ ରିପୋର୍ଟରେ ରେଳ ସୁରକ୍ଷା ପାଇଁ ଅଧିକ ବ୍ୟୟ ବରାଦ କରିବା ଏବଂ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବାପାଇଁ ସୁପାରିଶ କରିଛି। ରେଳଯାତ୍ରୀମାନଙ୍କ ସୁରକ୍ଷା ଉପରେ ଆବଶ୍ୟକ ଗୁରୁତ୍ୱଦେବା ପରିବର୍ତ୍ତେ କେନ୍ଦ୍ର ସରକାର ଦୁଇଟି ରେଳଗାଡି ମଧ୍ୟରେ ମୁହାଁମୁହିଁ ଧକ୍କା ରୋକିବା ପାଇଁ ଆବଶ୍ୟକ ହେଉଥିବା 'କବଚ' ବ୍ୟବସ୍ଥାର ବିସ୍ତାର ସଂପର୍କରେ ଲମ୍ବା ଚଉଡା ଦାବି କରୁଛନ୍ତି। ମାତ୍ର ବାସ୍ତବରେ ଏପର୍ଯ୍ୟନ୍ତ ଦେଶର ମୋଟ ୧,୦୪,୦୦୦ କିମି ରେଳପଥର ମାତ୍ର ଶତକଡା ୧ଭାଗ ରେଳ ଲାଇନରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି।

### ସତ୍ୟର ଅପଳାପ

ବାହାନଗା ରେଳ ଦୁର୍ଘଟଣା ପରଠାରୁ ବିରୋଧୀ ଦଳ ଓ ଜନସାଧାରଣଙ୍କ ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଇସ୍ତଫା ଦାବି କରାଯାଉଛି। ରେଳମନ୍ତ୍ରୀ ଓ ସରକାରଙ୍କୁ ବଂଚାଇବାକୁ ଯାଇ କଂଗ୍ରେସ ନେତୃତ୍ୱରେ ପରିଚାଳିତ ଉପା ସରକାର ଶାସନ କାଳ ତୁଳନାରେ ବିଜେପି ସରକାର ଶାସନ କାଳରେ ରେଳ ଦୁର୍ଘଟଣା ହ୍ରାସ ପାଇଛି ବୋଲି ବିଜେପି ଦଳ ପକ୍ଷରୁ ପାଲଟା ଆକ୍ରମଣ କରାଯାଉଛି। ଏହା ସତ୍ୟ ଯେ ଉପା ସରକାର ମଧ୍ୟ ବର୍ତ୍ତମାନର ବିଜେପି ସରକାର ଭଳି ଏ ବାବଦରେ ସଂପୂର୍ଣ୍ଣ ଉଦାସୀନ ଥିଲା। ୨୦୦୪ରୁ ୨୦୧୪ ଉପା ସରକାର ଶାସନ କାଳରେ ୧୭୧ଟି ରେଳ ଦୁର୍ଘଟଣାରେ ୨୪୫୩ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହାବ୍ୟତୀତ ୪୪୮୬ ଜଣ ଲୋକ ଗୁରୁତର ଭାବରେ ଆହତ ହୋଇଥିଲେ। ଏହି ପରିସଂଖ୍ୟାନ ସଠିକ ହେଲେ ମଧ୍ୟ ଏହା ସଂପୂର୍ଣ୍ଣ ସତ୍ୟ ପ୍ରକାଶ କରୁନାହିଁ। ଇତି ମଧ୍ୟରେ ପ୍ରଯୁକ୍ତିବିଦ୍ୟାର ଅଚିନ୍ତନୀୟ ବିକାଶ ଘଟିଛି। ଏହାକୁ ବ୍ୟବହାର କରି ରେଳ ଦୁର୍ଘଟଣା ସଂପୂର୍ଣ୍ଣ ବନ୍ଦ କରିଦିଆଯିବା ସମ୍ଭବ ହେଲେ ମଧ୍ୟ ଆଜି ବି ରେଳ ଦୁର୍ଘଟଣାରେ ଶହ ଶହ ଲୋକଙ୍କ ଜୀବନ ଯାଉଛି। ଏହି ସମସ୍ତ ଦୁର୍ଘଟଣା ମନୁଷ୍ୟକୃତ ଓ ସରକାରୀ ଅବହେଳାର ପରିଣାମ।

### ରେଳ ସୁରକ୍ଷା ପାଇଁ ଅତ୍ୟନ୍ତ ସ୍ୱଳ୍ପ ବ୍ୟୟବରାଦ

ସିଗନାଲ ବ୍ୟବସ୍ଥାର ଆଧୁନିକୀକରଣ ଓ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଅତୀତରେ ସମସ୍ତ କମିଟି ସୁପାରିଶ କରିଥିଲେ ମଧ୍ୟ ଆଜି ବି ଦେଶର ଶତକଡା ୯୮ଭାଗ ରେଳ ଲାଇନ ଅସୁରକ୍ଷିତ। ୨୦୨୩-୨୪ କେନ୍ଦ୍ର ବଜେଟରେ ରେଳ ସୁରକ୍ଷା ବାବଦରେ ମାତ୍ର ୭୧୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାପୂର୍ବରୁ ଅନ୍ତବର୍ତ୍ତୀକାଳୀନ ବଜେଟରେ ଏଥିପାଇଁ ୫୬୦କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ହିସାବରୁ ଜଣାଯାଇଛି ଯେ ଦେଶର ସମସ୍ତ ରେଳ ଧାରଣାରେ 'କବଚ' ସୁରକ୍ଷା ବ୍ୟବସ୍ଥା ଲାଗୁ କରିବାପାଇଁ ୪୨,୫୦୦କୋଟି ଟଙ୍କା ଖର୍ଚ୍ଚ ହେବ। ତେବେ ଏଥିରେ ମୁଦ୍ରାସ୍ଫିତି ଜନିତ ଖର୍ଚ୍ଚବୃଦ୍ଧିକୁ ହିସାବକୁ ନିଆଯାଇନାହିଁ। ଅନ୍ୟପଟରେ ଅତ୍ୟନ୍ତ ଅଦୂରଦର୍ଶୀ ମୁମ୍ବାଇ-ଅହମ୍ମଦାବାଦ ବୁଲେଟ ଟ୍ରେନ୍ ପ୍ରକଳ୍ପ ପାଇଁ ବ୍ୟୟବରାଦ କରାଯାଇଛି ୧,୦୮,୦୦୦ କୋଟି ଟଙ୍କା। ଚଳିତ କେନ୍ଦ୍ରୀୟ ବଜେଟରେ ଏହି ବୁଲେଟଟ୍ରେନ ପ୍ରକଳ୍ପ ପାଇଁ ୨୧,୦୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି କେଉଁ ପ୍ରକଳ୍ପ ଦେଶର ସାଧାରଣ ନାଗରିକମାନଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ? ମୁଷ୍ଟିମେୟ ଧନୀ ଲୋକଙ୍କ ବିଳାସ ପାଇଁ ଉଦ୍ଦିଷ୍ଟ ବୁଲେଟ୍ ଟ୍ରେନ ନା ସମଗ୍ର ଦେଶର ସାଧାରଣ ଯାତ୍ରୀମାନଙ୍କର ସୁରକ୍ଷା?

### ରେଳବାଇରେ ବ୍ୟାପକ ସଂଖ୍ୟକ କର୍ମଚାରୀ ଅଭାବ

ଯେକୌଣସି ରେଳ ଦୁର୍ଘଟଣାପରେ ଷ୍ଟେସନ ମାଷ୍ଟର, କ୍ୟାବିନରେ ଥିବା କର୍ମଚାରୀ(Cabin Crew) ପଏଣ୍ଟ ମ୍ୟାନ ବା ଗାଡି ଡ୍ରାଇଭରଙ୍କୁ ଦଣ୍ଡିତ କରାଯାଏ ବା ସେମାନଙ୍କ ଦୋଷ ଯୋଗୁ ଦୁର୍ଘଟଣା ଘଟିଲା ବୋଲି ଦାବି କରାଯାଏ। ମାତ୍ର ଯାହା ଷଡଯନ୍ତ୍ରମୂଳକ ଭାବରେ ଲୁଚାଇ ଦିଆଯାଏ ତା' ହେଉଛି ରେଳ ସୁରକ୍ଷା କ୍ଷେତ୍ରରେ ନିଯୁକ୍ତ କର୍ମଚାରୀମାନଙ୍କର ଘୋର ଅଭାବ। ସମଗ୍ର ଦେଶର ରେଳ ସୁରକ୍ଷା ସହିତ ସଂପର୍କିତ ପ୍ରାୟ ୧ଲକ୍ଷ ୫୦ହଜାରରୁ ଅଧିକ ପଦବୀ ବର୍ଷ ବର୍ଷ ଧରି ଖାଲି ପଡିଛି। ସରକାର ଏହାକୁ ସ୍ୱୀକାର କରିଛନ୍ତି। ରେଳବାଇ ବିଭାଗ ଆବଶ୍ୟକ ଲିଖିତ ପରୀକ୍ଷା କରି ଗତ ୫ବର୍ଷ ମଧ୍ୟରେ ୩ଲକ୍ଷରୁ ଅଧିକ ଲୋକଙ୍କ ନିଯୁକ୍ତି ଦେବାପାଇଁ ତାଲିକାଭୁକ୍ତ କରିଥିଲେ ମଧ୍ୟ ଏମାନଙ୍କ ମଧ୍ୟରୁ କେତେ ସଂଖ୍ୟକ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି ସେ କଥା କାହାରିକୁ ଜଣାନାହିଁ। ସରକାର ଏ ସଂପର୍କରେ କୌଣସି ତଥ୍ୟ ଦେବାପାଇଁ ନାରାଜ। ତେବେ ରେଳ ଧାରଣାର ତଦାରଖ (Track Inspection) ଭଳି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ସଂପର୍କିତ କ୍ଷେତ୍ରକୁ ସରକାର ଆଉଟ ସୋର୍ସିଂ କରିଦେଇଛନ୍ତି। ଫଳରେ ରେଳଲାଇନର ତଦାରଖ ଓ ରକ୍ଷାଣାବେକ୍ଷଣ ସଠିକ୍ ଭାବରେ ହେଉନାହିଁ। ଏ ବାବଦରେ ରେଳଗାଡିର ଦୈନନ୍ଦିନ ଯାତାୟତକୁ ପରିଚାଳନା କରୁଥିବା ତଳସ୍ତରର କର୍ମଚାରୀମାନଙ୍କର କୌଣସି ନିୟନ୍ତ୍ରଣ ରହୁନାହିଁ। ବିଜେପିର ତୁଙ୍ଗନେତା ଅଟଳବିହାରୀ ବାଜପେୟୀଙ୍କ ନେତୃତ୍ୱରେ ପରିଚାଳିତ ଏନ୍‌ଡିଏ ସରକାର ହେଉ, କଂଗ୍ରେସ ନେତୃତ୍ୱରେ ପରିଚାଳିତ ଉପା ସରକାର ହେଉ ବା ବର୍ତ୍ତମାନର ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ହେଉ, ଗୋଟିଏ ଦିଗରେ ରେଳବାଇ ବିସ୍ତାର ଘଟୁଥିଲାବେଳେ ସମସ୍ତ ସରକାର ରେଳବାଇରୁ ବ୍ୟାପକ ସଂଖ୍ୟକ କର୍ମଚାରୀ ଛଟେଇ କରିଛନ୍ତି।

ଏହାଫଳରେ ଅନ୍ୟାନ୍ୟ ସୁରକ୍ଷା କର୍ମଚାରୀମାନଙ୍କ ସମେତ ରେଳ ଡ୍ରାଇଭର ଓ ସହଯୋଗୀ ରେଳ ଡ୍ରାଇଭର ମାନଙ୍କ ଉପରେ କାମର ଚାପ ମାରାତ୍ମକ ଭାବରେ ବୃଦ୍ଧି ପାଇଛି। ସୁରକ୍ଷା ସଂପର୍କିତ ସମସ୍ତ କମିଟିର ସୁପାରିଶ ଅନୁଯାୟୀ କୌଣସି ରେଳ ଡ୍ରାଇଭର ବା ସହଯୋଗୀ ଡ୍ରାଇଭରଙ୍କୁ ଲଗାତର ଦୁଇରାତି ଡ୍ୟୁଟି ଦିଆଯିବା ଉଚିତ ନୁହେଁ। ମାତ୍ର ଏହାକୁ ଅମାନ୍ୟ କରି ଗାଡି ଚାଳକମାନଙ୍କୁ ଯଥେଷ୍ଟ ଅଧିକ ସମୟ କାମ କରିବାକୁ ବାଧ୍ୟ କରାଯାଉଛି। ଏହା ଫଳରେ ଗାଡି ଚାଳକମାନେ ଆବଶ୍ୟକ ବିଶ୍ରାମ ପାଉନାହାନ୍ତି ଏବଂ ଏହା ଦୁର୍ଘଟଣାର ଅନ୍ୟତମ ମୁଖ୍ୟ କାରଣରେ ପରିଣତ ହୋଇଛି। କାଂଚନଜଂଘା ଏକ୍ସପ୍ରେସ ସହିତ ଦୁର୍ଘଟଣା ଘଟାଇଥିବା ମାଲଗାଡିର ଚାଳକ ଲାଗ ଲାଗ ୩ରାତି ଅନିଦ୍ରା ରହିବା ପରେ ଚତୁର୍ଥ ରାତିରେ ଶୋଇଥିଲାବେଳେ ତାଙ୍କୁ ଜବରଦସ୍ତ ରାତି ୨ଟାବେଳେ ନିଦରୁ ଉଠାଇ ଗାଡି ଚଳାଇବାକୁ ବାଧ୍ୟ କରାଯାଇଥିଲା। ଲଗାତର ୪ରାତି ଅନିଦ୍ରା ହୋଇ ଗାଡି ଚଳାଉଥିଲାବେଳେ ଚାଳକଙ୍କ ଆଖି ଲାଗି ଯିବାରୁ ଜୁନ ୩ତାରିଖ ଅମ୍ବାଲାଠାରେ ରେଳ ଦୁର୍ଘଟଣା ଘଟିଥିଲା ବୋଲି ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଛି। ଉପରୋକ୍ତ ଗାଡି ଚାଳକ ସେହି ମାସରେ ଏହା ପୂର୍ବରୁ ୧୨ ରାତି ଅନିଦ୍ରା ହୋଇ ଗାଡି ଚଳାଇଥିଲେ ବୋଲି ସଂବାଦ ପତ୍ରରେ ପ୍ରକାଶିତ ହୋଇଛି।।

### ଏହି ଅବହେଳା ଇଚ୍ଛାକୃତ

ସରକାର ଯାହା ଦାବି କଲେ ମଧ୍ୟ ବାସ୍ତବରେ ରେଳଯାତ୍ରୀମାନଙ୍କ ସୁରକ୍ଷା ବ୍ୟବସ୍ଥା, ଆବଶ୍ୟକ ଲୋକବଳ ନିଯୁକ୍ତି, ସୁରକ୍ଷା ପାଇଁ ଆବଶ୍ୟକ ପାଣ୍ଠି ଯୋଗାଣ ଓ ରେଳ ଲାଇନର ଉପଯୁକ୍ତ ରକ୍ଷାଣ ବେକ୍ଷଣ କ୍ଷେତ୍ରରେ ଗୁରୁତର ତ୍ରୁଟି ରହିଛି। ଏହା ଯେ କେନ୍ଦ୍ର ସରକାର ଇଚ୍ଛାକୃତ ଭାବରେ କରୁଛନ୍ତି ସେକଥା ଉପର ଆଲୋଚନାରୁ ସ୍ପଷ୍ଟ ହୋଇଯାଉଛି। ଅନ୍ୟଦିଗରେ ବୁଲେଟ ଟ୍ରେନ, ବନ୍ଦେ ଭାରତ ଓ ତେଜାସ ଭଳି ଅତ୍ୟନ୍ତ ବ୍ୟୟସାପେକ୍ଷ ରେଳଗାଡି ଚଳାଚଳ ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଉଛି ଏବଂ ଏଥିପାଇଁ ରେଳବାଇ ବାବଦରେ କରାଯାଉଥିବା ମୋଟ୍ ବ୍ୟୟ ବରାଦର ସିଂହଭାଗ ଖର୍ଚ୍ଚ କରାଯାଉଛି। ରେଳ ହେଉଛି ଦେଶର ସାଧାରଣ ଲୋକଙ୍କ ଜୀବନରେଖା। ଯାତାୟତ ଓ ମାଲ ପରିବହନ ପାଇଁ ରେଳବାଇ ହିଁ ଦେଶର ମୁଖ୍ୟ ମାଧ୍ୟମ, ଏହା ମଧ୍ୟ ଦେଶର ସର୍ବବୃହତ ନିଯୁକ୍ତି ଦାତା। ମାତ୍ର ଗୋଟିଏ ପରେ ଗୋଟିଏ ସରକାର ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଇଚ୍ଛାକୃତ ଭାବରେ ଅବହେଳା କରୁଛନ୍ତି।

ଆଉ ଗୋଟିଏ ଦିଗପ୍ରତି ଆମେ ପାଠକ ମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁ। କେନ୍ଦ୍ର ବିଜେପି ସରକାର ରେଳରେ ସାଧାରଣ ଲୋକଙ୍କ ପାଇଁ ପୂର୍ବରୁ ମିଳୁଥିବା ସୁବିଧା ସୁଯୋଗ ଗୋଟିଏ ପରେ ଗୋଟିଏ ହ୍ରାସ କରିଚାଲିଛନ୍ତି। ପୂର୍ବରୁ ବରିଷ୍ଠ ନାଗରିକମାନଙ୍କ ପାଇଁ ରେଳରେ ମିଳୁଥିବା ରିହାତି ମୋଦି ସରକାର ଉଚ୍ଛେଦ କରିଦେଇଛନ୍ତି। ଶିଶୁ ଓ କିଶୋରମାନଙ୍କ ପାଇଁ ପୂର୍ବରୁ ମିଳୁଥିବା ରିହାତି ଉଠାଇ ଦିଆଯାଇଛି। ଦୂର ଯାତ୍ରାପାଇଁ ଆନୁପାତିକ ଭାବରେ କମ୍‌ଭଡା ଧାର୍ଯ୍ୟ ବ୍ୟବସ୍ଥା ବାତିଲ କରିଦିଆଯାଇଛି। ପ୍ରାୟ ସମସ୍ତ ଟ୍ରେନ୍‌ରେ ସାଧାରଣ ସ୍ଲିପର ବଗି ଓ ଅଣସଂରକ୍ଷିତ ବଗି ସଂଖ୍ୟା ହ୍ରାସ କରାଯାଉଛି। ଏହାଫଳରେ ଅଣସଂରକ୍ଷିତ ବଗି ଓ ସ୍ଲିପର କ୍ଲାସ ବଗିରେ ଅକଥନୀୟ ଭିଡ ଦେଖିବାକୁ ମିଳୁଛି। ଯାହାଫଳରେ ଶୌଚାଳୟ ଯିବା ମଧ୍ୟ ସମ୍ଭବ ହେଉନାହିଁ। ଏହାବ୍ୟତୀତ ଅପରିଚ୍ଛନ୍ନ, ପୁତିଗନ୍ଧମୟ ଶୌଚାଳୟ ଓ ଚଳନ୍ତାଟ୍ରେନରେ ଶୌଚାଳୟରୁ ପାଣି ସରିଯିବା ଏକ ସାଧାରଣ ଘଟଣା। କେବଳ ସେତିକି ନୁହେଁ, ସ୍ଲିପର କୋଚରେ ଅଧିକରୁ ଅଧିକ ବର୍ଥ(ଶୋଇବାପାଇଁ ଉଦ୍ଦିଷ୍ଟ ସ୍ଥାନ)କୁ ତତ୍‌କାଳ ବ୍ୟବସ୍ଥା ଅଧିନକୁ ଅଣାଯାଉଛି। ଏହାବ୍ୟତୀତ ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ବର୍ଥ ନିଲାମ କରିବାପାଇଁ ଡାଇନାମିକ ଭଡା ବ୍ୟବସ୍ଥା ଲାଗୁ କରାଯାଇଛି। ବାତାନୁକୂଳିତ ଉଚ୍ଚ ଶ୍ରେଣୀର ରେଳଯାତ୍ରା ପାଇଁ ପ୍ରିମିୟମର ତତ୍‌କାଳ ବ୍ୟବସ୍ଥା ଲାଗୁ କରାଯାଇଛି। ଏହାଫଳରେ ଯାତ୍ରୀମାନଙ୍କୁ ସ୍ଥଳ ବିଶେଷରେ ଧାର୍ଯ୍ୟ ଭଡାର ୩ଗୁଣ ହେବାକୁ ହେଉଛି। ସାଧାରଣ ଏକ୍ସପ୍ରେସ ଟ୍ରେନକୁ ସୁପରଫାଷ୍ଟ ଘୋଷଣାକରି ଅଧିକ ଭଡା ଆଦାୟ କରାଯାଉଛି। ଏହା ସତ୍ତ୍ୱେ ମଧ୍ୟ ଠିକ୍ ସମୟରେ କୌଣସି ଷ୍ଟେସନରେ ରେଳଗାଡି ପହଂଚିବା ଏକ ଅସାଧାରଣ ଘଟଣାରେ ପରିଣତ ହୋଇଛି। ରାଜଧାନୀ ଏକ୍ସପ୍ରେସ ଭଳି ଟ୍ରେନ ମଧ୍ୟ ୧୦/୧୨ଘଣ୍ଟା ବିଳମ୍ବରେ ଗନ୍ତବ୍ୟ ସ୍ଥଳରେ ପହଂଚିବା ଆଉ ବିରଳ ଘଟଣା ନୁହେଁ।

ଏଠାରେ ଆମେ ସ୍ପଷ୍ଟ କରିଦେବାକୁ ଚାହୁଁଯେ, ଏହି ଧରଣର ଅବ୍ୟବସ୍ଥା ପଛରେ ଏକ ବିଶେଷ କାରଣ ରହିଛି। ଦଫାୱାରୀ ରେଳବାଇର ଘରୋଇକରଣ ପ୍ରକ୍ରିୟା କେନ୍ଦ୍ର ସରକାର ବହୁ ଦଶନ୍ଧି ପୂର୍ବରୁ ଆରମ୍ଭ କରିଛନ୍ତି। ବହୁ ରେଳ ଷ୍ଟେସନ, ରେଳଗାଡି, ରେଳପଥ, ରେଳ ଗାଡିରେ ଖାଦ୍ୟ ଯୋଗାଣ, ଟିକଟ କାଟିବା, ଷ୍ଟେସନ ଓ ରେଳଗାଡିର ସଫେଇ କାର୍ଯ୍ୟ ଏବଂ ରେଳ ଧାରଣାର ମରାମତି ଓ ରକ୍ଷଣାବେକ୍ଷଣ ଏପରିକି ରେଳ ନିରାପତ୍ତା ବ୍ୟବସ୍ଥାର ବହୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଇତିମଧ୍ୟରେ ସଂପୂର୍ଣ୍ଣ ଘରୋଇକରଣ କରାଯାଇଛି। ଦେଶର ଜନସାଧାରଣ ଏହା ହୃଦୟଙ୍ଗମ କରିବା ଆବଶ୍ୟକ ଯେ, ରେଳବାଇରେ ଅବ୍ୟବସ୍ଥା ଯେତେ ବଢିବ ଏହାର ସଂପୂର୍ଣ୍ଣ ଘରୋଇକରଣର ବିପଦ ସେତେ ବଢିବ। ସରକାରୀ ବ୍ୟବସ୍ଥାରେ ଅବ୍ୟବସ୍ଥା ଦୂର କରାଯାଇ ପାରିବ ନାହିଁ ବୋଲି ଯୁକ୍ତି କରି ସରକାର ରେଳବାଇର ଏହି ଧରଣର ଘରୋଇକରଣ କରିଚାଲିଛନ୍ତି। ଆଗାମୀ ଦିନରେ ରେଳବାଇର ସଂପୂର୍ଣ୍ଣ ଘରୋଇକରଣ କରିବାପାଇଁ ସରକାରଙ୍କର ଯୋଜନା ଆଉ ଗୋପନ ହୋଇନାହିଁ। ଏହି ପରିସ୍ଥିତିରେ ସାଧାରଣ ଲୋକଙ୍କ ଟିକସ ଅର୍ଥରେ ଗଢିଉଠିଥିବା ରେଳବିଭାଗ ଭଳି ଏକ ବିଶାଳ ଅନୁଷ୍ଠାନକୁ ଘରୋଇ ଏକଚାଟିଆ କମ୍ପାନୀମାନଙ୍କ ହାତକୁ ଟେକିଦେବା ପାଇଁ ସରକାର ଚଳାଇଥିବା ମାରାତ୍ମକ ଷଡଯନ୍ତ୍ର ବିରୁଦ୍ଧରେ ଦେଶର ଜନସାଧାରଣଙ୍କୁ ଆଗେଇ ଆସିବାକୁ ଆମେ ନିବେଦନ କରୁଛୁ।

★ ★ ★

# ଏଆଇୟୁଟିୟୁସିର ତୃତୀୟ ଅନୁଗୁଳ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ




ଶ୍ରମିକ ବିରୋଧୀ ଶ୍ରମକୋଡ୍ ବାତିଲ କରିବା, ସର୍ବନିମ୍ନ ମାସିକ ମଜୁରୀ ୨୮ ହଜାର ଟଙ୍କା କରିବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ଓ କର୍ପୋରେଟକରଣ ବନ୍ଦ କରିବା, ସ୍ଥାୟୀ ଓ ସବୁଦିନିଆ କାମରେ ଠିକା ନିଯୁକ୍ତି ବନ୍ଦ କରି ସମସ୍ତ ଠିକା ଶ୍ରମିକ, କର୍ମଚାରୀମାନଙ୍କୁ ଅବିଳମ୍ବେ ସ୍ଥାୟୀ କରିବା, ମଧ୍ୟାହ୍ନ ଭୋଜନ ପାଚିକା, ଆଶା, ଅଙ୍ଗନୱାଡି କର୍ମୀ ସମେତ ସମସ୍ତ ସ୍କିମ୍ କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି. ପକ୍ଷରୁ ତୃତୀୟ ଅନୁଗୁଳ ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ଶିକ୍ଷକପଡା ଠାରେ ସେପଟେମ୍ବର ୮ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲ୍ଲା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ସାହୁ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ଏଥିରେ ଜିଲ୍ଲା ଉପ-ସଭାପତି କମ୍ରେଡ ଭିକାରୀ ପ୍ରଧାନଙ୍କ ଦ୍ୱାରା ଶୋକ ପ୍ରସ୍ତାବ ଆଗତ ହୋଇଥିଲା ଏବଂ ପ୍ରୟାତ ଶ୍ରମିକ ନେତା, ସଂଗଠକ ଓ କର୍ମୀମାନଙ୍କ ସ୍ମୃତିରେ ଏକ ମିନିଟ୍ ନିରବତା ପାଳନ କରାଯାଇଥିଲା । ଏଆଇୟୁଟିୟୁସି ଜିଲ୍ଲା ସମ୍ପାଦକମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ ସମ୍ମିଳନୀର ମୁଖ୍ୟ ଚିଠାପ୍ରସ୍ତାବ ଆଗତ କରିଥିବାବେଳେ ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ସାହୁ ସାଂଗଠନିକ ବିବରଣୀ ଉପସ୍ଥାପନ କରିଥିଲେ । ଏନଟିପିସି., ନାଲକୋ, ଏମସିଏଲ୍, ପିଜିସିଆଇଏଲ୍, ଓଏଚପିସି ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଜିନ୍ଦଲ, ଜେଟିପିଏଲ୍, ଭୂଷଣ, ଟାଟା ପାୱାର ଭଳି ଘରୋଇ ସଂଗଠିତ କ୍ଷେତ୍ରର ଶ୍ରମିକ ଓ ଅସଂଗଠିତ କ୍ଷେତ୍ରର ଆଶା, ପାଚିକା, ବିଡି ଶ୍ରମିକ, ନିର୍ମାଣ ଶ୍ରମିକ ପ୍ରତିନିଧିମାନେ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ । ଏଥିରେ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ କମ୍ରେଡ ସୁରେଶ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମିଳନୀରେ କମ୍ରେଡ ପ୍ରହଲ୍ଲାଦ ଚନ୍ଦ୍ର ସାହୁ ସଭାପତି, କମ୍ରେଡ ଭିକାରୀ ପ୍ରଧାନ, ସଦାଶିବ ସିଂ ଉପସଭାପତି ଓ କମ୍ରେଡ ବ୍ରଜବନ୍ଧୁ ସାହୁ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିଲେ। ଏହା ବ୍ୟତୀତ ୬୪ଜଣିଆ ଜିଲ୍ଲା କମିଟି ମଧ୍ୟ ସମ୍ମିଳନୀରେ ନିର୍ବାଚିତ ହୋଇଥିଲା।

# ଜମି ପଟ୍ଟା ପ୍ରଦାନ ଦାବିରେ ଏଆଇକେକେଏମ୍ଏସ୍ ପକ୍ଷରୁ ବିକ୍ଷୋଭ



ଅଗଷ୍ଟ ୨୮ତାରିଖରେ ୨୦୦୬ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ପୁରୁଷାନୁକ୍ରମେ ଭୋଗ ଦଖଲ କରିଆସୁଥିବା ଲୋକଙ୍କୁ ପଟ୍ଟା ପ୍ରଦାନ କରିବା, ବନିକରଣ ନାଁରେ ଚାଷ ଜମିରୁ ଦଖଲଦାରଙ୍କୁ ଉଚ୍ଛେଦ ବନ୍ଦ କରିବା, ରାସ୍ତାର ଉଭୟ ପାର୍ଶ୍ୱରେ ଗଛଲଗା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା, ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ ୨୦୨୩ ବାତିଲ କରିବା ସହିତ ବେକାରୀଙ୍କୁ ରୋଜଗାର ଦେବା, ଦରଦାମ ବୃଦ୍ଧି ହ୍ରାସ କରିବା ଦାବିରେ ଏଆଇକେକେଏମ୍ଏସ୍ ପକ୍ଷରୁ ସାହାରପଡା ତହସିଲ ସମ୍ମୁଖରେ ଏକ ଗଣବିକ୍ଷୋଭ ହୋଇଛି। ବିକ୍ଷୋଭ ସ୍ଥଳରେ ଏଆଇକେକେଏମ୍ଏସ୍‌ର ରାଜ୍ୟ ସଂପାଦକ କମ୍ରେଡ ରଘୁନାଥ ଦାସ, ଏଆଇକେକେଏମ୍ଏସ୍‌ର ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ପ୍ରକାଶ ମଲ୍ଲିକ, କେନ୍ଦୁଝର ଜିଲ୍ଲା ସଂପାଦକ କମ୍ରେଡ ବେଣୁଧର ସର୍ଦ୍ଦାର, ଖଗେଶ୍ୱର ମହାନ୍ତ, ପ୍ରତାପ ନାୟକ, ହରିହର ମୁଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି ନେତୃତ୍ୱରେ ଖୋର୍ଦ୍ଧା ଜିଲ୍ଲା କନ୍‌ଭେନସନ୍




କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି ନେତୃତ୍ୱରେ ଭାଲିଆବାଡି ସ୍ଥିତ ଭାଇ ଭାଇ କ୍ଲବ୍‌ଠାରେ ଶ୍ରମିକ କନ୍‌ଭେନସନ ଗତ ସେପ୍ଟେମ୍ବର ୮ତାରିଖ ଦିନ ୧୧ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଏଆଇୟୁଟିୟୁସି ସଂପାଦକ ଜୟସନ ମେହେର, ରାଜ୍ୟ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ ଆରମ୍ଭ ହୋଇଥିଲା। ସଂଗଠନର ରକ୍ତ ପତାକା, ଉତ୍ତୋଳନ ପରେ ଶହୀଦ ବେଦୀରେ ମାଲ୍ୟାର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଜିଲ୍ଲାରୁ ଅଙ୍ଗନବାଡି କର୍ମୀ, ପାଚିକା, ନିର୍ମାଣ ଶ୍ରମିକ, ସ୍ୱାବଲମ୍ବୀ କାରୀଗର ସଂଘ, ଏୟାରଟେଲ ଟେକ୍ନିସିଆନ, ଜିଓ ଫିଲ୍ଡ ୱାର୍କର, ବସ୍ତି ବିକାଶ ସଂଗଠନ ଆଦି କନ୍‌ଭେନ୍‌ସନରେ ଯୋଗ ଦେଇଥିଲେ। ଅଶୋକ ସାହୁଙ୍କ ନେତୃତ୍ୱରେ ଏକ ୯ଜଣିଆ କମିଟି ଗଠନ କରାଯାଇଅଛି। ଆଗାମୀ ଦିନରେ ଉନ୍ନତ ନୀତି ଆଦର୍ଶ ଭିତ୍ତିକ ଶ୍ରମିକ ଆନ୍ଦୋଳନକୁ ଆଗେଇ ନେବାପାଇଁ ବକ୍ତାମାନେ କହିଥିଲେ। ଶେଷରେ ଡିସେମ୍ବର ୧୫ରୁ ୧୭ ଭୁବନେଶ୍ୱର ହେବାକୁ ଥିବା ଶ୍ରମିକ ସମାବେଶକୁ ସଫଳ କରିବା ପାଇଁ ବକ୍ତାମାନେ ଆହ୍ୱାନ କରିଥିଲେ। ସଭାରେ କାର୍ତ୍ତିକ ଘଡେଇ, ପ୍ରଶାନ୍ତ ରାଉତରାୟ ଜିତେନ୍ଦ୍ର ବଳବନ୍ତରାୟ, ସରୋଜିନୀ ମହାପାତ୍ର, ସନ୍ତୋଷ ପୃଷ୍ଟି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## *ରାଜ୍ୟରେ ଶିକ୍ଷାର . . .*

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ତାଙ୍କ ପ୍ରତିଶୃତି ସଂପର୍କରେ କିଛି କହିବେ। ଅର୍ଥାତ୍ ତାଙ୍କ ନିର୍ବାଚନୀ ପ୍ରତିଶୃତି ପୁରଣ କରିବା ସଂପର୍କରେ କହିବେ। ହେଲେ ମନ୍ତ୍ରୀ ମହୋଦୟ ଅସଲ କଥା ଏଡାଇଯାଇ ହଠାତ୍ ନାମ ପରିବର୍ତ୍ତନ ଉପରେ ବିତର୍କର ଆହ୍ୱାନ ଦେବାକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେକଲେ।

ବର୍ତ୍ତମାନ ଆସନ୍ତୁ ଦେଖିବା ନିର୍ବାଚନ ପ୍ରଚାର ସମୟରେ ଯେଉଁ ରେଭେନ୍ସାକୁ ବିଶ୍ୱସ୍ତରୀୟ କରିବେ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପରିଣତ କରିବେ ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରତିଶୃତି ଦେଇଥିଲେ ଏବଂ ଯେଉଁ ରେଭେନ୍ସାର ନାମ ପରିବର୍ତ୍ତନ ପ୍ରସଙ୍ଗ ବର୍ତ୍ତମାନ ରାଜ୍ୟର ଅନ୍ୟତମ ମୁଖ୍ୟ ଚର୍ଚ୍ଚିତ ବିଷୟରେ ପରିଣତ ହୋଇଛି, ସେହି ରେଭେନ୍ସାର ଅବସ୍ଥା କ'ଣ! ସଦ୍ୟ ସମାପ୍ତ ହୋଇଥିବା ବିଧାନସଭା ଅଧିବେଶନରେ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ରାଜ୍ୟ ଶିକ୍ଷାମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ମଞ୍ଜୁର କରାଯାଇଥିବା ୨୬୭ଟି ଅଧ୍ୟାପକ ପଦବୀ ମଧ୍ୟରୁ ୧୭୦ ପଦବୀ ଖାଲି ପଡିଛି। ଅର୍ଥାତ୍ ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ୯୭ ଜଣ ଅଧ୍ୟାପକରେ ଚାଲିଛି। ଏହି ଅବସ୍ଥା ଗତ ପ୍ରାୟ ୧୫ବର୍ଷ ଧରି ଅପରିବର୍ତ୍ତିତ ରହିଛି। ଅତିଥି ଅଧ୍ୟାପକଙ୍କ ଭରସାରେ ହିଁ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ଚାଲିଛି। ଗବେଷଣା କଥା ନକହିବା ଭଲ। ଏଠାରେ କହିରଖିବା ଆବଶ୍ୟକ ଯେ ୟୁଜିସି ନିୟମାବଳୀ ଅନୁଯାୟୀ ଛାତ୍ର ସଂଖ୍ୟା ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟରେ ୪୦୦ ଅଧ୍ୟାପକ ଆବଶ୍ୟକ ଥିଲାବେଳେ ସରକାର ମାତ୍ର ୨୬୭ ପଦ ମଞ୍ଜୁର କରିଛନ୍ତି। ଏହାବ୍ୟତୀତ ମଞ୍ଜୁରୀପ୍ରାପ୍ତ ୧୭୫ ଅଣଶିକ୍ଷକ କର୍ମଚାରୀ ଯାଗାରେ ବିଶ୍ୱବିଦ୍ୟାଳୟରେ ବର୍ତ୍ତମାନ ଅଛନ୍ତି ମାତ୍ର ୧୩ଜଣ। ଠିକା ଓ ଆଉଟସୋର୍ସିଂ କର୍ମଚାରୀଙ୍କ ଦ୍ୱାରା କାମ ଚାଲିଛି। ଐତିହାସିକ କନିକା ପାଠାଗାରର ରକ୍ଷଣାବେକ୍ଷଣ ଅର୍ଥ ଓ କର୍ମଚାରୀ ଅଭାବରୁ କରାଯାଇପାରୁନାହିଁ। ପାଠାଗାର ପାଇଁ ଆବଶ୍ୟକ ପୁସ୍ତକ ଓ ଗବେଷଣା ପାଇଁ ବିଶ୍ୱସ୍ତରର ଜର୍ଣ୍ଣାଲ ଦିବାସ୍ୱପ୍ନରେ ପରିଣତ ହୋଇଛି। ଛାତ୍ରଛାତ୍ରୀମାନଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଛାତ୍ରାବାସ ଓ ଛାତ୍ରୀନିବାସ ନାହିଁ। ଫଳରେ ସାଧାରଣ ଘରର ମେଧାବୀ ଛାତ୍ର ଛାତ୍ରୀ ଏଠାରେ ପଢିବାପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ଅର୍ଥାଭାବରୁ ପଢିପାରୁ ନାହାନ୍ତି। ଅର୍ଥାଭାବରୁ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ଠିକ ଭାବରେ କାର୍ଯ୍ୟକାରୀ ହୋଇ ପାରୁନାହିଁ। କେବଳ ରେଭେନ୍ସା ନୁହେଁ, ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟମାନଙ୍କର ଅବସ୍ଥା ଆହୁରି ଦୟନୀୟ। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ +୨ ଓ +୩ କଲେଜ ଗୁଡିକରେ ଦଶଂଧି ଦଶଂଧି ଧରି ଶିକ୍ଷକ ମରୁଡି ଲାଗି ରହିଛି। ଅଣ ଶିକ୍ଷକ କର୍ମଚାରୀ ଓ ଶିକ୍ଷା ଭିତ୍ତିଭୂମି କଥା ନକହିବା ଭଲ।

ରାଜ୍ୟରେ ସ୍କୁଲ ଶିକ୍ଷାର ଅବସ୍ଥା ଆହୁରି ଭୟାବହ। ପୂର୍ବତନ ରାଜ୍ୟ ବିଜେଡି ସରକାର ହାସ୍ୟାସ୍ପଦ ଯୁକ୍ତିରେ ରାଜ୍ୟର ପ୍ରାୟ ୮ହଜାରରୁ ଅଧିକ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବନ୍ଦ କରି ଦେଇଛନ୍ତି। ବିଜେପି ଦଳ ରାଜ୍ୟରେ କ୍ଷମତାସୀନ ହେଲେ ବନ୍ଦ ହୋଇଥିବା ସ୍କୁଲଗୁଡିକ ଖୋଲିବ ବୋଲି ଓଡିଶାପାଇଁ ମୋଦି ଗ୍ୟାରେଣ୍ଟି ନାମରେ ପ୍ରକାଶିତ ଘୋଷଣାପତ୍ରରେ ଉଲ୍ଲେଖ କରିଛି। ହେଲେ ଏହି ସରକାର ଏପର୍ଯ୍ୟନ୍ତ ସେ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଏହାବ୍ୟତୀତ ପ୍ରାଥମିକ ଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ଲକ୍ଷାଧିକ ଶିକ୍ଷକ ପଦବୀ ଖାଲି ପଡିଛି। ଶିକ୍ଷାନୁଷ୍ଠାନ ମାନଙ୍କରେ ମାମୁଲି ପାରିଶ୍ରମିକରେ କାମ କରୁଥିବା ଶିକ୍ଷକ, ପାରା ଶିକ୍ଷକ, ଗଣ ଶିକ୍ଷକ, ଶିକ୍ଷା ସହାୟକ ବର୍ଷ ବର୍ଷ ଧରି ନ୍ୟାୟ ମାଗୁଛନ୍ତି। ନିର୍ବାଚନରେ ରାଜ୍ୟରେ କ୍ଷମତାକୁ ଆସିଲେ ଶିକ୍ଷାନୁଷ୍ଠାନ ମାନଙ୍କରେ ସମାନ କାମକୁ ସମାନ ମଜୁରୀ ନୀତି ଲାଗୁ କରିବାପାଇଁ ଘୋଷଣାପତ୍ରରେ ଉଲ୍ଲେଖ କରିଥିବା ବିଜେପି ଦଳ କ୍ଷମତାସୀନ ହେବାପରେ ସେ ବାବଦରେ ନୀରବ। ସମଗ୍ର ରାଜ୍ୟରେ ଶିକ୍ଷା ଭିତ୍ତିଭୂମି ଭୁଷୁଡି ପଡିଛି। କୌଣସି ସ୍କୁଲରେ କର୍ମଚାରୀ ନାହାନ୍ତି, ପାଠାଗାରରେ ବହିନାହିଁ। ଅଧିକାଂଶ ସ୍କୁଲରେ ପରୀକ୍ଷାଗାର ନାହିଁ। ବିଜେଡି ଶାସନ କାଳରେ ୫ଟି ରୂପାନ୍ତରୀକରଣ ଆଳରେ ଯେଉଁ ସବୁ ସ୍କୁଲରେ ମରାମତି କରାଯାଇଥିଲା ଓ ରଂଗ ମରାଯାଇଥିଲା ସେ ରଂଗ ଇତି ମଧ୍ୟରେ ଛାଡି ଗଲାଣି। ମାତ୍ର ଲମ୍ବା ଚଉଡା ନିର୍ବାଚନୀ ପ୍ରତିଶୃତି ଦେଇ ରାଜ୍ୟରେ କ୍ଷମତାସୀନ ହୋଇଥିବା ତାଙ୍କ ଦଳର ରାଜ୍ୟ ସରକାର ଏସବୁ ସମସ୍ୟାକୁ କିଭଳି ସମାଧାନ କରିବ ଏବଂ ରାଜ୍ୟର ସବୁଠାରୁ ଆର୍ଥିକ ଓ ସାମାଜିକ ଭାବରେ ଦୁର୍ବଳ ପରିବାରର ଦୁଆର ମୁହଁରେ କିଭଳି ଶିକ୍ଷାର ସୁଯୋଗ ପହଂଚାଇବେ ସେ ବିଷୟରେ ମନ୍ତ୍ରୀ ମହୋଦୟ କିଛି କହିଲେ ନାହିଁ।

କେବଳ ଏତିକି ନୁହେଁ, ଶ୍ରୀ ପ୍ରଧାନଙ୍କ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ଶତକଡା ୫୦ଭାଗ ଅଧ୍ୟାପକ ପଦବୀ ଖାଲି ପଡିଛି। କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟମାନଙ୍କରେ ଶତକଡା ୫୫ଭାଗ ଶିକ୍ଷକ ପଦବୀ ଖାଲି ପଡିଛି। ଦେଶର ଆଇଆଇଟି ମାନଙ୍କର ମଧ୍ୟ ହାରାହାରି ଶତକଡା ୪୦ଭାଗରୁ ଅଧିକ ଅଧ୍ୟାପକ ପଦଖାଲି ପଡିଛି। ଏସବୁ ପଦବୀ ପୂରଣ କରିବା ଧର୍ମେନ୍ଦ୍ର ବାବୁଙ୍କର ସିଧାସଳଖ ଦାୟିତ୍ୱ। ଏହି ଅବସ୍ଥା ଗତ ୧୦ବର୍ଷରୁ ଅଧିକ ସମୟଧରି ଲାଗିରହିଛି। ମାତ୍ର ସେ କ୍ଷେତ୍ରରେ ମନ୍ତ୍ରୀ ମହୋଦୟ ବିଫଳ ଏବଂ ସେ ବାବଦରେ ନିରବ।

ସୁତରାଂ, ଏହା ସ୍ପଷ୍ଟ ଯେ, ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭକରି ସ୍କୁଲ ସ୍ତର ପର୍ଯ୍ୟନ୍ତ ରାଜ୍ୟର ଶିକ୍ଷା କ୍ଷେତ୍ରରେ ଅତ୍ୟନ୍ତ ଉଦ୍‌ବେଗଜନକ ପରିସ୍ଥିତି ଲାଗିରହିଥିଲାବେଳେ ସେସବୁକୁ ଯୁଦ୍ଧକାଳୀନ ଭିତ୍ତିରେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମାଧାନ କରିବାପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ କିମ୍ବା ରାଜ୍ୟ ବିଜେପି ସରକାର କୌଣସି ଠୋସ ପଦକ୍ଷେପ ସଂପର୍କରେ ଘୋଷଣା କରିନାହାନ୍ତି। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପିର ସରକାର ପ୍ରତିଷ୍ଠିତ ହୋଇଥିବା ଦୃଷ୍ଟିରୁ ରାଜ୍ୟ ତଥା ଦେଶର ଶିକ୍ଷା କ୍ଷେତ୍ରରେ ସୃଷ୍ଟି କରାଯାଇଥିବା ସଂକଟର ସମୟବଦ୍ଧ ସମାଧାନ ପାଇଁ ନିର୍ଦ୍ଦିଷ୍ଟ କର୍ମସୂଚୀ ଘୋଷଣା କରିବା ସହିତ ରେଭେନ୍ସାର ନାମ ପରିବର୍ତ୍ତନ ସଂପର୍କରେ ତାଙ୍କର ବ୍ୟକ୍ତିଗତ ମତ ଉପସ୍ଥାପନ କରିଥିଲେ ଅନ୍ତତଃ ମନ୍ତ୍ରୀ ମହୋଦୟଙ୍କର ସଙ୍କୋଚତା ଓ ନିରପେକ୍ଷତାର ପ୍ରମାଣ ମିଳିଥାନ୍ତା। ମାତ୍ର ଅସଲ ସମସ୍ୟା ଉପରେ ଦୃଷ୍ଟିପାତ ନକରି ନଅଙ୍କ ଦୁର୍ଭିକ୍ଷର ଦ୍ୱାହି ଦେଇ ରେଭେନ୍ସାର ନାମ ପରିବର୍ତ୍ତନ ବିବାଦ ଆରମ୍ଭ କରାଇବା, ଏହାକୁ ବିଜେପି ଦଳ ଓ ସମର୍ଥକମାନଙ୍କ ଦ୍ୱାରା ବଂଚାଇ ରଖାଯିବା ଏବଂ ପ୍ରକୃତ ସମସ୍ୟାରୁ ଦୃଷ୍ଟି ଅନ୍ୟତ୍ର ଅପସାରିତ କରିବାପାଇଁ ଉଦ୍ୟମ ଏକ ଷଡଯନ୍ତ୍ରର ସୂଚନା ଦେଉ ନାହିଁ କି? ସୁତରାଂ ଦୀର୍ଘ ୧୫୦ବର୍ଷପରେ ନାମ ପରିବର୍ତ୍ତନର ଅନାବଶ୍ୟକ ଓ ଅଭିସନ୍ଧିମୂଳକ ବିବାଦର ଅବସାନ ଘଟାଇ ରେଭେନ୍ସା ସମେତ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ, ଅଧ୍ୟାପକ ନିଯୁକ୍ତି କରିବା ଏବଂ ଶିକ୍ଷା ଭିତ୍ତିଭୂମିର ଆବଶ୍ୟକ ବିକାଶ ଘଟାଇବା ପାଇଁ ଆମେ ସରକାରଙ୍କ ନିକଟରେ ଦୃଢ ଦାବି କରୁଛୁ। ଶେଷରେ ଆମେ କହିବାକୁ ଚାହୁଁ ରେଭେନ୍ସା ନାମଟି ଯଦି ଗୋଲାମୀର ପ୍ରତୀକ ହୁଏ ତା'ହେଲେ ବ୍ରିଟିଶ ଶାସକମାନଙ୍କର ପଦଲେହନକାରୀ ସଂଗଠନ ଆରଏସ୍ଏସ୍ ଓ ଏହାର ସଂସଦୀୟ ସଂଗଠନ ବିଜେପି କାହାର ପ୍ରତିକ?

★★★

# ଶୋଷିତ ଶ୍ରେଣୀର ମୁକ୍ତିର ଦିଶାରୀ - ମହାନ ମାଓ-ସେ-ତୁଙ୍ଗ - ଜୀବନ ସଂଗ୍ରାମ ଓ ଚିନ୍ତା ଶିକ୍ଷାର ଏକ ସଂକ୍ଷିପ୍ତ ଆଲେଖ୍ୟ

*(ସର୍ବହରା ଶ୍ରେଣୀର ମହାନ ନେତା, ଚୀନ ବିପ୍ଳବର ରୂପକାର କମ୍ରେଡ ମାଓ-ସେ-ତୁଙ୍ଗଙ୍କ ୪୮ତମ ମୃତ୍ୟୁ ବାର୍ଷିକୀ ଉପଲକ୍ଷେ ତାଙ୍କର ଅସାଧାରଣ ଜୀବନ ସଂଗ୍ରାମ ଏବଂ ଚୀନ ବିପ୍ଳବର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ପାଠକମାନଙ୍କ ସମ୍ମୁଖରେ ତୋଳିଧରିବା ଉଦ୍ଦେଶ୍ୟରେ ଏହି ଅଲେଖ୍ୟଟି ପ୍ରସ୍ତୁତ କରାଯାଇଛି। ଏହାର ପ୍ରଥମ ଭାଗ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରାଯାଉଛି ଏବଂ ଏହାର ଶେଷ ଭାଗ ସର୍ବହରା କ୍ରାନ୍ତିର ଅକ୍ଟୋବର ୧ ସଂଖ୍ୟାରେ ପ୍ରକାଶ କରାଯିବ।*

*- ସଂପାଦକ, ସର୍ବହରା କ୍ରାନ୍ତି)*



ଚୀନ ଦେଶର ହୁନାନ୍ ପ୍ରଦେଶର ଏକ କ୍ଷୁଦ୍ର ଗ୍ରାମରେ ମାଓ-ସେ-ତୁଂଙ୍ଗ ୧୮୯୩ ମସିହା ଡିସେମ୍ବର ୨୬ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ସମାପ୍ତ ହେବାପରେ ତାଙ୍କର ପିତା ତାଙ୍କୁ ଅଧିକ ଶିକ୍ଷା ଲାଭର ସୁଯୋଗ ନଦେଇ କୃଷିକ୍ଷେତ୍ରରେ କାମ କରାଇବା ପାଇଁ ପ୍ରବର୍ତ୍ତାଇବାକୁ ଉଦ୍ୟମ କରିଥିଲେ। ପିଲାଟି ଦିନରୁ ପରିବାର ମଧ୍ୟରୁ ହିଁ ଚୀନ ଦେଶର ପ୍ରାଚୀନ ସଭ୍ୟତା, ଲୋକକଥା ଓ ଇତିହାସ ସଂପର୍କରେ ଜାଣିବାପାଇଁ କମ୍ରେଡ ମାଓ-ସେ-ତୁଙ୍ଗଙ୍କର ଆଗ୍ରହ ସୃଷ୍ଟି ହୋଇଥିଲା। ଅଧିକ ଶିକ୍ଷା ଲାଭ କରିବା ପାଇଁ ତାଙ୍କର ଅଦମ୍ୟ ଆଗ୍ରହ ଏବଂ ତାଙ୍କର ଏହି ଇଚ୍ଛାକୁ ବାପାଙ୍କର କ୍ରମାଗତ ବିରୋଧ ମଧ୍ୟରେ ତାଙ୍କର ବାଲ୍ୟକାଳ ଅତିବାହିତ ହୋଇଥିଲା। ଅନ୍ୟାୟର ଦୃଢ ପ୍ରତିବାଦ କରିବା ଏବଂ ନିଜେ ଯେଉଁଟା ଠିକ ବୋଲି ମନେକରୁଥିଲେ ସେଥିପାଇଁ ଯେକୌଣସି ମୂଲ୍ୟ ଦେଇ ଶେଷ ପର୍ଯ୍ୟନ୍ତ ଅବିଚଳ ରହିବା ଭଳି ଚାରିତ୍ରିକ ବଳିଷ୍ଠତା ପିଲାଦିନରୁ ବାପାଙ୍କ ସହିତ ଆରମ୍ଭ ହୋଇଥିବା ଦ୍ୱନ୍ଦ୍ୱ ମଧ୍ୟରୁ ହିଁ ସେ ହାସଲ କରିଥିଲେ। ଘରେ ସମସ୍ତେ ଶୋଇ ପଡିଲା ପରେ ଗୋପନରେ ବହି ପଢିବାକୁ ଉଦ୍ୟମ କରି ଧରାପଡି ବାପାଙ୍କଠାରୁ ମାଡ ଖାଇବା ଥିଲା ତାଙ୍କ ଜୀବନର ସାଧାରଣ ଘଟଣା। ବାପାଙ୍କଠାରୁ ଯେତେ ମାଡ ଗାଳି ଖାଇଲେ ମଧ୍ୟ ସେ ଜ୍ଞାନ ଅର୍ଜନ ଉଦ୍ୟମରୁ କେବେହେଲେ ବିରତ ହୋଇ ନଥିଲେ। ବହୁ ଭୂସଂପତ୍ତିର ମାଲିକ ହୋଇପାରିଥିବା ତାଙ୍କ ବାପା ମନେ କରୁଥିଲେ ଯେ ଅଧିକ ଶିକ୍ଷା ଲାଭ କଲେ ପୁଅ କ୍ଷେତରେ କାମ କରିବାପାଇଁ ଆଯୋଗ୍ୟ ହୋଇଯିବ ଓ ତାଙ୍କ ଜମି ପଡିଆ ପଡିବ। ସେଥିପାଇଁ କିଶୋର ମାଓଙ୍କ ଉପରେ ସେ ଅନେକ ସମୟରେ ଅତ୍ୟାଚାର ମଧ୍ୟ କରୁଥିଲେ।

ଅପେକ୍ଷାକୃତ ସ୍ୱଚ୍ଛଳ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଚୀନ ଦେଶର କୃଷକମାନଙ୍କର କରୁଣ ଅବସ୍ଥା ସଂପର୍କରେ ସେ ଶୁଣିବାକୁ ପାଉଥିଲେ ଏବଂ ଚୀନ ଦେଶର ଜନସାଧାରଣଙ୍କର ଦୁଃଖ ଦୁର୍ଦ୍ଦଶା ଦୂର କରିବାପାଇଁ ସେତେବେଳେ ଆରମ୍ଭ ହୋଇଥିବା ପ୍ରଗତିଶୀଳ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇ ତାଙ୍କ ମଧ୍ୟରେ ସାମାଜିକ ଚେତନାର ଉନ୍ମେଷ ଘଟିବାକୁ ଲାଗିଲା।

ଏହି ସମୟରେ ଆଧୁନିକ ଶିକ୍ଷା ଅଭାବରୁ ହିଁ ଚୀନ ଦେଶ ପଛରେ ପଡିଛି ବୋଲି ତାଙ୍କର ଧାରଣା ହୋଇଥିଲା ଏବଂ ଏସବୁ ଜାଣିବା ପାଇଁ ଅଦମ୍ୟ ଆଗ୍ରହ ଓ ଘରେ ପିତାଙ୍କର କଠୋର ଅନୁଶାସନ ମଧ୍ୟରେ ଆବର୍ତ୍ତିତ ମାଓ ଶେଷରେ ୧୩ବର୍ଷ ବୟସରେ ଘରଛାଡି ସଂପୂର୍ଣ୍ଣ ପରିଚୟହୀନ ଭାବରେ ହୁନାନ ସହରକୁ ଆସି ସେଠିକାର ଗୋଟିଏ ସ୍କୁଲରେ ବହୁ କଷ୍ଟରେ ନାମ ଲେଖାଇଲେ। ଏହିଠାରେ ହିଁ ସେ ଚୀନର ତତ୍କାଳୀନ ଜାତୀୟତାବାଦୀ ଓ ମାନବତାବାଦୀ ନେତା ସାନ୍-ୟାତ୍-ସେନ୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୧୧ ମସିହାରେ ଜାତୀୟତାବାଦୀ ସୈନ୍ୟବାହିନୀରେ ଯୋଗଦେଲେ। ୧୯୧୧ ମସିହାରେ ସାନ୍-ୟାତ୍-ସନଙ୍କ ନେତୃତ୍ୱରେ ପରିଚାଳିତ ଜାତୀୟତାବାଦୀ ଗଣ ଅଭ୍ୟୁତ୍ଥାନରେ ସେ ସକ୍ରିୟ ଭୂମିକା ପାଳନ କରିଥିଲେ ଏବଂ ଏହି ଅଭ୍ୟୁତ୍ଥାନ ବିଫଳ ହେବାପରେ ପୁଣି ବିଦ୍ୟାଳୟକୁ ଫେରି ଆସିଲେ। ଏଠାରେ ସୂଚନାଯୋଗ୍ୟ ଯେ ଚୀନର କିମ୍ବଦନ୍ତୀ ପୁରୁଷ ସାନ୍-ୟେତ୍-ସେନଙ୍କ ନେତୃତ୍ୱରେ କୋମିଂଟାଂ ବା ଜାତୀୟତାବାଦୀ ଦଳ ଏକ ଜାତୀୟତାବାଦୀ ମଂଚ ଭାବରେ ଉନବିଂଶ ଶତାବ୍ଦୀର ଶେଷ ଭାଗରେ ପ୍ରତିଷ୍ଠିତ ହୋଇଥିଲା।

ଏହା ଥିଲା ପ୍ରାୟ ଆମ ଦେଶର ସ୍ୱାଧୀନତା ପୂର୍ବବର୍ତ୍ତୀ ଜାତୀୟ କଂଗ୍ରେସ ସଂଗଠନ ଭଳି। ଏହି ମଂଚରେ ତତ୍କାଳୀନ ଚାଇନାର ସମସ୍ତ ଗଣତନ୍ତ୍ରପ୍ରେମୀ ଓ ମୁକ୍ତିକାମୀ ମଣିଷ ଏକତ୍ରିତ ହୋଇ ଗୋଟିଏ ପଟରେ ଚାଇନାର ଅନ୍ୟତମ ବୈଚିତ୍ର୍ୟ, ଏହାର ଯୁଦ୍ଧଖୋର ଗୋଷ୍ଠୀ ଏବଂ ସାମନ୍ତପ୍ରଭୁ ତଥା ଅନ୍ୟଦିଗରେ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ବିରୁଦ୍ଧରେ ଲଢେଇ ଜାରୀ ରଖିଥିଲେ। ମାଓଙ୍କ ଭାଷାରେ ସାନ୍-ୟାତ୍-ସେନ୍ ଥିଲେ ଚୀନ ଦେଶର ପେଟିବୁର୍ଜୁଆ ବିପ୍ଳବବାଦର ସର୍ବଶ୍ରେଷ୍ଠ ନିଦର୍ଶନ। ମାତ୍ର ଚୀନର ଜାତୀୟ ବୁର୍ଜୁଆ ଶ୍ରେଣୀର ଛଳନାପୂର୍ଣ୍ଣ ଓ ଦୋଦୁଲ୍ୟମାନ ଚରିତ୍ର ଯୋଗୁ ସାନ୍-ୟାତ୍-ସେନଙ୍କର ଏହି ଉଦ୍ୟମ ବାରମ୍ବାର ବିଫଳ ହେଉଥିଲା। ଶେଷରେ ସାନ୍-ୟାତ୍-ସେନ୍ ଋଷ ବିପ୍ଳବ ଦ୍ୱାରା ଅନୁପ୍ରଣିତ ହୋଇ ମହାନ ଲେନିନ୍‌ଙ୍କ ସହିତ ସାକ୍ଷାତ କରିବାପାଇଁ ଉଦ୍ୟମ କରିଥିଲେ ଓ ଶେଷରେ ୧୯୨୧ ମସିହାରେ ଲେନିନଙ୍କର ଜନୈକ ପ୍ରତିନିଧିଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା।

ଗତାନୁଗତିକ ଶିକ୍ଷା ପଦ୍ଧତିରେ ମାଓ ଖୁବ୍‌ଶୀଘ୍ର ବୀତସ୍ପୃହ ହୋଇପଡି ବିଦ୍ୟାଳୟ ତ୍ୟାଗ କଲେ ଏବଂ ହୁନାନ ଆଂଚଳିକ ପାଠାଗାରରେ ଗୋଟିଏ ଛୋଟ ଚାକିରି କରି ସେଠାରେ ଗଭୀର ଅଧ୍ୟୟନ ଆରମ୍ଭ କଲେ। ଏହି ପାଠାଗାରରେ ହିଁ ଆଧୁନିକ ବିଜ୍ଞାନ, ଦର୍ଶନ, ଯୁକ୍ତିବିଜ୍ଞାନ, ବିଶ୍ୱ ଇତିହାସ ଓ ଆଇନ ଶାସ୍ତ୍ରରେ ସେ ଗଭୀର ଜ୍ଞାନ ଆହରଣ କରିପାରିଥିଲେ। ଏହି ସମୟରେ ଜୀବନର ବହୁ ଘାତପ୍ରତିଘାତ ଓ ସମସ୍ତ ପ୍ରତିକୂଳତାକୁ ମୁକାବିଲା କରି ୨୨ବର୍ଷ ବୟସରେ ସେ ମାନବତାବାଦୀ ଓ ଜାତୀୟତାବାଦୀ ଆଦର୍ଶରେ ଅନୁପ୍ରାଣିତ ଜଣେ ସାମାଜିକ କର୍ମୀରେ ରୂପାନ୍ତରିତ ହୋଇଥିଲେ। ଜାତୀୟତାବାଦୀ ଆନ୍ଦୋଳନରେ ଅଧିକରୁ ଅଧିକ ସକ୍ରିୟ ଅଂଶ ଗ୍ରହଣ ସହିତ ସେହି ବୟସରେ ହିଁ ସେ ନ୍ୟୁ ୟୁଥ୍(New Youth) ନାମକ ଏକ ପ୍ରଗତିଶୀଳ ପତ୍ରିକାରେ ଲେଖାଲେଖି କରିବାକୁ ଲାଗିଲେ ଏବଂ ନ୍ୟୁ ପିପୁଲ୍‌ସ ଷ୍ଟଡି ସୋସାଇଟି(New Peoples Study Society) ନାମକ ଏକ ସଂଗଠନ ପ୍ରତିଷ୍ଠା କରିଥିଲେ। ସମୟକ୍ରମେ ଏହି ସଂଗଠନ ଦକ୍ଷିଣ ଚାଇନାର ସବୁଠାରୁ ଶକ୍ତିଶାଳୀ ସଂଗଠନରେ ପରିଣତ ହେଲା ଏବଂ ପରବର୍ତ୍ତୀ ସମୟରେ ଚୀନ ବିପ୍ଳବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିବା ବହୁ ତୁଙ୍ଗ କମ୍ୟୁନିଷ୍ଟ ନେତା ଏହି ସଂଗଠନ ମାଧ୍ୟମରେ ହିଁ ସେମାନଙ୍କର ସାଧାରଣ ଜୀବନ(Public Life) ଆରମ୍ଭ କରିଥିଲେ। ୧୯୨୦ ମସିହାରେ ମହାନ ନଭେମ୍ବର ବିପ୍ଳବର ବାର୍ଷିକୀ ଉପଲକ୍ଷେ ପ୍ରଥମଥର ପାଇଁ ଏହି ସଂଗଠନର କର୍ମୀମାନେ ହାତରେ ନାଲି ପତାକା ଧରି ଏକ ଶୋଭାଯାତ୍ରାର ଆୟୋଜନ କରିଥିଲେ। ମାଓ-ସେ-ତୁଙ୍ଗ ଋଷ ବିପ୍ଳବ ଦ୍ୱାରା ପ୍ରଭାବିତ ହୋଇ ମାର୍କ୍ସବାଦୀ ଆଦର୍ଶ ସଂପର୍କରେ ଜାଣିବା ପାଇଁ ଆଗ୍ରହୀ ହେଲେ। ପ୍ରଥମେ ସେ କମ୍ୟୁନିଷ୍ଟ ଇସ୍ତାହାର(Communist Menifesto) ଓ ଏହାପରେ ଅନ୍ୟ କେତେକ ବହି ପଢି ନିଶ୍ଚିତ ହୋଇଥିଲେ ଯେ ଏହା ହିଁ ସମାଜ ମୁକ୍ତିର ଏକମାତ୍ର ବିଜ୍ଞାନ ସମ୍ମତ ରାସ୍ତା। ଏହାପରେ ସେ କେବେହେଲେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ୧୯୨୧ ମସିହାରେ ସାଂଘାଇଠାରେ ଚୀନ କମ୍ୟୁନିଷ୍ଟ ପାର୍ଟିର ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଓ ଆନୁଷ୍ଠାନିକ ଭାବରେ ଚୀନ ଦେଶରେ କମ୍ୟୁନିଷ୍ଟ ପାର୍ଟି ଗଠନ କରାଯାଇଥିଲା। ଚୀନର ପ୍ରସିଦ୍ଧ ବୁଦ୍ଧଜୀବୀ ଚେଙ୍ଗ-ଟୁ-ହିସିୟୁ ଚୀନ କମ୍ୟୁନିଷ୍ଟ ପାର୍ଟିର ପ୍ରଥମ ସାଧାରଣ ସଂପାଦକ ଭାବରେ ନିର୍ବାଚିତ ହୋଇଥିଲେ ଏବଂ ମାଓ-ସେ-ତୁଙ୍ଗଙ୍କୁ ହୁନାନ ଆଂଚଳିକ କମିଟିର ସଂପାଦକ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପରେ ୧୯୨୨ ମସିହାରେ ତାଙ୍କର ସାଂଗଠନିକ କ୍ଷମତାର ସ୍ୱୀକୃତି ସ୍ୱରୂପ ତାଙ୍କୁ ହୁନାନ୍ ଜିଲ୍ଲା ସଂପାଦକ ଓ କେନ୍ଦ୍ରୀୟ କମିଟିର ଅନ୍ୟତମ ସଦସ୍ୟ ଭାବରେ ମନୋନୀତ କରାଯାଇଥିଲା.

### ଚୀନ ଦେଶର ତତ୍କାଳୀନ ସାମାଜିକ ଅବସ୍ଥା

ଏହା ଅନସ୍ୱୀକାର୍ଯ୍ୟ ଯେ ପ୍ରତିଭା ଜନ୍ମଗତ ନୁହେଁ, ଅର୍ଥାତ୍ ପ୍ରତ୍ୟେକ ପ୍ରତିଭାବାନ ବ୍ୟକ୍ତି ସାମାଜିକ ସଂଗ୍ରାମ ମଧ୍ୟ ଦେଇ ହିଁ ପ୍ରତିଭାର ଅଧିକାରୀ ହୋଇଥାନ୍ତି। ଏହି ବିଷୟଟିକୁ ବୁଝାଇବାକୁ ଯାଇ ମହାନ ନେତା କାର୍ଲମାର୍କ୍ସ କହିଥିଲେ ଯେ, "ମଣିଷର ଚେତନା ମଣିଷକୁ ତିଆରି କରେ; ଠିକ୍ ବିପରୀତ ଭାବେ ମଣିଷର ସାମାଜିକ ପରିସ୍ଥିତି ହିଁ ତାର ଚେତନା ସୃଷ୍ଟି ପାଇଁ ଦାୟୀ।" ସୁତରାଂ ଚୀନ ଦେଶର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ବାତାବରଣକୁ ବାଦ ଦେଇ ମାଓ-ସେ-ତୁଙ୍ଗଙ୍କର ଜୀବନ ସଂଗ୍ରାମ ସଂପର୍କରେ ଆଲୋଚନା ଯେ ଅସଂପୂର୍ଣ୍ଣ ରହିଯିବ ଏହା ଅନସ୍ୱୀକାର୍ଯ୍ୟ।

ମାଓଙ୍କ ଜନ୍ମ ସମୟରେ ଗୋଟିଏ ପଟରେ ଚୀନ ଦେଶର ଜନସାଧାରଣ ସାମନ୍ତବାଦୀ ଶୋଷଣ ଅତ୍ୟାଚାରରେ ଜର୍ଜରିତ ହେଉଥିଲେ ଓ ଅନ୍ୟପଟରେ ୧୮୪୦ ମସିହାରୁ ଏହି ଦେଶ ଏକାଧିକ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ଦ୍ୱାରା କବଳିତ ହୋଇ ରହିଥିଲା। ଧର୍ମୀୟ କୁସଂସ୍କାର, ଅନ୍ଧତା, ଦାରିଦ୍ର୍ୟ, ବ୍ୟାଧି, ବନ୍ୟା, ମରୁଡି, ଦୁର୍ଭିକ୍ଷ ଜର୍ଜରିତ ଚୀନ ଦେଶ ଥିଲା ଏସିଆ ମହାଦେଶର ଏକ ଅସୁସ୍ଥ ଭୂଖଣ୍ଡ(Sick Man of Asia)। ଗଣତାନ୍ତ୍ରିକ ଅଧିକାର, ନାରୀ ପୁରୁଷର ସମାନ ଅଧିକାର, ନିର୍ବାଚନ ଓ ଗଣତାନ୍ତ୍ରିକ ସରକାର ପ୍ରଭୃତି ଧାରଣା ଥିଲା ଚୀନ୍ ଦେଶର ଲୋକମାନଙ୍କ ପାଇଁ ଅକଳ୍ପନୀୟ। କର ଖଜଣା ଦେଇ ଦେଇ କୃଷକ କୁଳ ଉଚ୍ଛନ୍ନ ହୋଇଯାଇଥିଲା। ରାଜା, ଜମିଦାର ଓ ଆଂଚଳିକ ଯୁଦ୍ଧଖୋର ଗୋଷ୍ଠୀମାନଙ୍କୁ କର ଖଜଣା ଦେବାପରେ କୃଷକମାନଙ୍କ ପାଖରେ ପରିବାର ପ୍ରତିପୋଷଣ ପାଇଁ କିଛି ବି ଅବଶିଷ୍ଟ ରହୁ ନଥିଲା। କେବଳ କର ଖଜଣା ଦେବାପାଇଁ ଘରଦ୍ୱାର, ଜମିବାଡି, ଗୃହପାଳିତ ପଶୁ ଏପରିକି ଘରର ମହିଳାମାନଙ୍କୁ ମଧ୍ୟ ବିକ୍ରି କରିବାପାଇଁ ଚାଷୀମାନେ ବାଧ୍ୟ ହେଉଥିଲେ। ଏପରିକି କର ଖଜଣା ଦେଇ ନପାରି ଲକ୍ଷ ଲକ୍ଷ ଚାଷୀ ଦାସତ୍ୱ ବରଣ କରିବାକୁ ବାଧ୍ୟ ହେଉଥିଲେ। ଏହିଭଳି ଅବସ୍ଥାରେ ସାରା ଦୁନିଆକୁ ସଭ୍ୟତାର ଆଲୋକ ଦେବାପାଇଁ ଆସିଛନ୍ତି ବୋଲି ଦାବି କରୁଥିବା ବ୍ରିଟିଶ ସାମ୍ରାଜ୍ୟବାଦୀମାନେ ଜବରଦସ୍ତ ଚୀନ ଦେଶରେ ଅଫିମ ବ୍ୟବସାୟ କରି ଚରମ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ଏହି ଦେଶର ଚାଷୀ ଓ ସାଧାରଣ ଲୋକଙ୍କୁ ଅଫିମ ନିଶାରେ ବୁଡାଇ ରଖିଥିଲେ। ଚୀନରେ ଅଫିମ ବ୍ୟବସାୟ ପାଇଁ ବ୍ରିଟିଶ ସାମ୍ରାଜ୍ୟବାଦୀମାନେ ୩ଥର ଚାଇନା ଆକ୍ରମଣ କରିଥିଲେ। ଏହି ଯୁଦ୍ଧ ଅଫିମ ଯୁଦ୍ଧ(Opium War) ନାମରେ ଇତିହାସରେ କୁଖ୍ୟାତ।

ଏଠାରେ ସୂଚନାଯୋଗ୍ୟ ଯେ ଏହି ସାମନ୍ତ ପ୍ରଭୁମାନଙ୍କର ସାମ୍ରାଜ୍ୟବାଦୀମାନଙ୍କ ସହିତ ଆଦୌ ଦ୍ୱନ୍ଦ୍ୱ ନଥିଲା। ବରଂ ଜନସାଧାରଣଙ୍କୁ ଶୋଷଣ କରିବା କ୍ଷେତ୍ରରେ ଏମାନେ ଥିଲେ ସାମ୍ରାଜ୍ୟବାଦୀମାନଙ୍କର ନିର୍ଭରଯୋଗ୍ୟ ମିତ୍ର। ସାନ୍-ୟାତ୍-ସେନଙ୍କ ନେତୃତ୍ୱରେ ପରିଚାଳିତ ଜାତୀୟତାବାଦୀ ଆନ୍ଦୋଳନକୁ ତାଙ୍କ ମୃତ୍ୟୁପରେ କୁକ୍ଷିଗତ କରି କ୍ଷମତାରେ ଅଧିଷ୍ଠିତ ହୋଇଥିବା ଚିଆଁ କାଇସେକ୍ ପ୍ରଥମେ ବ୍ରିଟିଶ ଓ ଫରାସୀ ସାମ୍ରାଜ୍ୟବାଦୀମାନଙ୍କ ସହିତ ହାତ ମିଳାଇଥିବାବେଳେ ବିପ୍ଳବୀ ଅଭ୍ୟୁତ୍ଥାନକୁ ଦମନ କରିବାପାଇଁ ପରବର୍ତ୍ତୀ ଅବସ୍ଥାରେ ଆମେରିକା ସାମ୍ରାଜ୍ୟବାଦୀମାନଙ୍କ ଗୋଡାଣିଆ ସାଜିଥିଲେ। ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ଅଫିମ ଯୁଦ୍ଧରେ ଜୟଲାଭ କରି ପ୍ରଥମେ ୧୮୪୦ ମସିହାରେ ଇଂରେଜମାନେ ଚୀନର ସମସ୍ତ ବନ୍ଦର ସହରଗୁଡିକୁ ଦଖଲ କରିନେଇଥିଲେ। ଏହାପରେ ଜାର ଶାସିତ ଋଷିଆ ସାମ୍ରାଜ୍ୟବାଦୀମାନେ ୧୮୬୦ ମସିହାରେ, ଋଷିଆ ପରେ ୧୮୬୨ ମସିହାରେ ଫରାସୀ ସାମ୍ରାଜ୍ୟବାଦୀ ଓ ୧୮୯୪ ମସିହାରେ ଜାପାନୀ ସାମ୍ରାଜ୍ୟବାଦୀମାନେ ଚୀନର ବିସ୍ତୃତ ଅଂଚଳ ବଳପୂର୍ବକ ଦଖଲ କରିଥିଲେ। ସର୍ବଶେଷରେ ୧୮୯୯ ମସିହାରେ ଆମେରିକା ଏହାର କୁଖ୍ୟାତ 'ଖୋଲା ଦ୍ୱାର ନୀତି(Open Door Policy)' ମାଧ୍ୟମରେ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଇଂରେଜ ଓ ଫରାସୀମାନଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଚାଇନାରେ ପ୍ରବେଶ କରିଥିଲା।

ସାମନ୍ତବାଦ ଓ ସାମ୍ରାଜ୍ୟବାଦର ମିଳିତ ଶୋଷଣ ଫଳରେ ଚୀନ୍ ଦେଶର ଲୋକମାନଙ୍କର ଅବସ୍ଥା ଶୋଚନୀୟ ହୋଇପଡିଲା। ସାମ୍ରାଜ୍ୟବାଦୀମାନଙ୍କର ଲାଭ ପାଇଁ ଗ୍ରାମୀଣ କୁଶଳୀ କାରିଗର, କ୍ଷୁଦ୍ର ଓ ନାମମାତ୍ର ଚାଷୀ ପ୍ରଭୃତି ସମସ୍ତ ସ୍ତରର ଜନସାଧାରଣ କଳକାରଖାନାରେ ଶସ୍ତା ଶ୍ରମିକରେ ରୂପାନ୍ତରିତ ହୋଇଥିଲେ। ସମଗ୍ର ସାମାଜିକ ଜୀବନ ଧ୍ୱସ୍ତ ବିଧ୍ୱସ୍ତ ହୋଇପଡିଲା ଏବଂ ଏହା ସହିତ ପଶ୍ଚିମୀ କଦର୍ଯ୍ୟ ପଚମାନ ସଂସ୍କୃତି, ଦୁର୍ନୀତୀ ଓ ଗୁଣ୍ଡାରାଜ ଜନସାଧାରଣଙ୍କ ଜୀବନକୁ ଆହୁରି ଦୁର୍ବିସହ କରି ପକାଇଥିଲା। ଏହାଥିଲା ମାଓ-ସେ-ତୁଙ୍ଗଙ୍କର ଜନ୍ମ ସମୟରେ ଚୀନର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଚିତ୍ର। ଏହିଭଳି ଏକ ସାମାଜିକ ପରିସ୍ଥିତି ହିଁ ମାଓ-ସେ-ତୁଙ୍ଗଙ୍କ ମଧ୍ୟରେ ବିପ୍ଳବୀ ଚେତନା ଗଢିତୋଳିବା କ୍ଷେତ୍ରରେ ସହାୟକ ହୋଇଥିଲା।

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

## ଚୀନ ବିପ୍ଳବର ...

(୫ମ ପୃଷ୍ଠାର ଅବଶିଷ୍ଟାଂଶ)

### ଚୀନ୍ କମ୍ୟୁନିଷ୍ଟ ପାର୍ଟିର ଅଭ୍ୟନ୍ତରୀଣ ସଂଗ୍ରାମ ଓ ମାଓ-ସେ-ତୁଙ୍ଗ

୧୯୨୧ ମସିହାରେ ଚୀନ୍ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲାପରେ ତତ୍କାଳୀନ ଆନ୍ତର୍ଜାତୀୟ ସଂଗଠନ କୋମିଂଟର୍ଣ୍ଣର ଉଦ୍ୟୋଗରେ ସାନ୍-ୟାତ୍-ସେନ୍ଙ୍କ ନେତୃତ୍ୱରେ ପରିଚାଳିତ କୋମିଂଟାଙ୍ଗ ଦଳ ଓ ଚୀନ କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ଏକ ଯୁକ୍ତ ଫ୍ରଣ୍ଟ ଗଠିତ ହୋଇଥିଲା। ଇତିମଧ୍ୟରେ ଚୀନ କମ୍ୟୁନିଷ୍ଟ ପାର୍ଟିର ପ୍ରଭାବ ଦ୍ରୁତ ଭାବରେ ବୃଦ୍ଧି ପାଇବାକୁ ଲାଗିଲା। ବିଶେଷକରି ଚୀନର ମୁଖ୍ୟ ସହର ଗୁଡ଼ିକରେ ବହୁ ସଂଖ୍ୟାରେ ଜନସାଧାରଣ ଓ ବୁଦ୍ଧିଜୀବୀ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେବାକୁ ଲାଗିଲେ। କମ୍ୟୁନିଷ୍ଟ ପାର୍ଟି ଓ କୋମିଂଟାଂର ମିଳିତ ବାହିନୀ ପକ୍ଷରୁ ଯୁଦ୍ଧଖୋର ଗୋଷ୍ଠୀମାନଙ୍କ ବିରୁଦ୍ଧରେ ଅଭିଯାନ ଆରମ୍ଭ ହେଲା ଏବଂ ଉତ୍ତର ଚୀନର ବିସ୍ତୃତ ଅଂଚଳରେ ଯୁଦ୍ଧଖୋର ଗୋଷ୍ଠୀମାନଙ୍କୁ ପରାଜିତ କରାଗଲା। ଏହି ଅଭିଯାନ ଉତ୍ତରାଂଚଳ ଅଭିଯାନ(Northen Expedition) ଭାବରେ ଜଣାଶୁଣା। ଏହି ଅଭିଯାନ ଚାଲିଥିଲାବେଳେ ୧୯୨୫ ମସିହାରେ ସାନ୍-ୟାତ୍-ସେନ୍ଙ୍କର ମୃତ୍ୟୁ ଘଟିଲା ଏବଂ ଚିଆଂ କାଇସେକ୍ କୋମିଟାଙ୍ଗ ଦଳର ନେତୃତ୍ୱ ଦଖଲ କଲେ। ଏହାପରେ ଆରମ୍ଭ ହେଲା କମ୍ୟୁନିଷ୍ଟମାନଙ୍କର ବିପର୍ଯ୍ୟୟ। କମ୍ୟୁନିଷ୍ଟମାନଙ୍କର ଶକ୍ତିବୃଦ୍ଧିରେ ଆତଙ୍କିତ ହୋଇ ଚିଆଂ କାଇସେକ୍ ଯୁକ୍ତଫ୍ରଣ୍ଟ ଭାଙ୍ଗିଦେଲେ ଏବଂ ଯୁଦ୍ଧଖୋର ଗୋଷ୍ଠୀମାନଙ୍କ ବିରୁଦ୍ଧରେ ମିଳିତ ଅଭିଯାନ ସ୍ଥାନରେ କମ୍ୟୁନିଷ୍ଟମାନଙ୍କ ବିରୁଦ୍ଧରେ ଅଭିଯାନ ଆରମ୍ଭ କଲେ। ଚିଆଂ କାଇସେକ୍ଙ୍କର ଏହି କମ୍ୟୁନିଷ୍ଟ ନିଧନ ଅଭିଯାନରେ ସାମ୍ରାଜ୍ୟବାଦୀ ଶକ୍ତିମାନେ ସମସ୍ତ ସହଯୋଗ ଦେଇଥିଲେ। ୧୯୨୭ ମସିହା ମାର୍ଚ୍ଚ ମାସରେ ପରିକଳ୍ପିତ ଭାବରେ କମ୍ୟୁନିଷ୍ଟମାନଙ୍କୁ ହତ୍ୟା କରାଯିବା ଆରମ୍ଭ ହେଲା ଏବଂ ସାଙ୍ଘାଇ, ନାନ୍କିଙ୍ଗ, କ୍ୟାଣ୍ଟନ୍, ଚୁଙ୍ଗଶାହା ପ୍ରଭୃତି ସହରରେ ହଜାର ହଜାର କମ୍ୟୁନିଷ୍ଟ କର୍ମୀ, ନେତା ଓ ସମର୍ଥକଙ୍କୁ ହତ୍ୟା କରାଗଲା। କମ୍ୟୁନିଷ୍ଟ ପାର୍ଟିକୁ ବେଆଇନ୍ ଘୋଷଣା କରାଗଲା ଏବଂ ଉତ୍ତର ଚାଇନାରେ ଯୁକ୍ତଫ୍ରଣ୍ଟର ଅଭିଯାନ ଫଳରେ ସୃଷ୍ଟି ହୋଇଥିବା ମୁକ୍ତାଞ୍ଚଳରେ ହଜାର ହଜାର କମ୍ୟୁନିଷ୍ଟ ଯୋଦ୍ଧାଙ୍କ ରକ୍ତରେ ହୋରି ଖେଳି ଚିଆଂ କାଇସେକଙ୍କ ନେତୃତ୍ୱରେ ଚାଇନାର ପ୍ରଥମ କେନ୍ଦ୍ରୀୟ ସରକାର ପ୍ରତିଷ୍ଠିତ ହେଲା।

କମ୍ୟୁନିଷ୍ଟ ପାର୍ଟି ଗଠିତ ହେବା ପରଠାରୁ ହିଁ ମାଓ-ସେ-ତୁଙ୍ଗଙ୍କର ତତ୍କାଳୀନ ପାର୍ଟି ନେତୃତ୍ୱ ସହିତ ମୁଖ୍ୟତଃ ଦୁଇଟି ବିଷୟରେ ତୀବ୍ର ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା। ପ୍ରଥମଟି ହେଉଛି ତତ୍କାଳୀନ ସମୟରେ ଚୀନ ଜାତୀୟ ବୁର୍ଜୁଆ ଶ୍ରେଣୀର ସର୍ବାପେକ୍ଷା ବିଶ୍ୱସ୍ତ ରାଜନୈତିକ ଶକ୍ତି କୋମିଂଟାଙ୍ଗ ଦଳର ବାସ୍ତବ ଚରିତ୍ର ନିର୍ଦ୍ଧାରଣ ଏବଂ ଦ୍ୱିତୀୟଟି ହେଉଛି ଚୀନ ଦେଶର ବିପ୍ଳବରେ ଚାଷୀମାନଙ୍କର ଭୂମିକା। କହିବା ବାହୁଲ୍ୟ ଯେ, ଚିଆଂ କାଇସେକ୍ ନେତୃତ୍ୱରେ ପରିଚାଳିତ କୋମିଂଟାଙ୍ଗ ଦଳର ବାସ୍ତବ ଚରିତ୍ରର ଯଥାଯଥ ମାର୍କ୍ସବାଦୀ ବିଶ୍ଳେଷଣ କରିବା କ୍ଷେତ୍ରରେ ବିଫଳତା ଯୋଗୁଁ ହିଁ ୧୯୨୭ ମସିହାରେ କମ୍ୟୁନିଷ୍ଟମାନଙ୍କୁ ବହୁ ମୂଲ୍ୟ ଦେବାକୁ ହୋଇଥିଲା।

ପ୍ରଥମେ ମାଓ-ସେ-ତୁଙ୍ଗ ୧୯୨୧ରୁ ୨୩ ମସିହା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ ସଂଗଠିତ କରିଥିଲେ ଏବଂ ଏହାପରେ ସେ ମୁଖ୍ୟତଃ ଚାଷୀମାନଙ୍କୁ ସଂଗଠିତ କରୁଥିଲେ। ଖୁବ୍ ଶୀଘ୍ର ସମଗ୍ର ଅଂଚଳରେ ଶକ୍ତିଶାଳୀ କୃଷକ ସଂଗଠନମାନ ଗଢ଼ି ଉଠିଥିଲା ଏବଂ ଏହା କମ୍ୟୁନିଷ୍ଟମାନଙ୍କର ଏକ ଅଭେଦ୍ୟ ଦୁର୍ଗରେ ପରିଣତ ହୋଇଥିଲା। ଚାଷୀମାନଙ୍କୁ ସଂଗଠିତ କରିବାକୁ ଯାଇ ଆହରିତ ଅଭିଜ୍ଞତାର ଭିତ୍ତିରେ ସେ ୧୯୨୬ ମସିହାରେ ରଚନା କରିଥିଲେ "ଚାଇନା ସମାଜରେ ଶ୍ରେଣୀ ସମୂହର ବିଶ୍ଳେଷଣ"(Analysis of Classes in Chinese Society) ନାମକ ନିବନ୍ଧ।

ଏହି ନିବନ୍ଧକୁ କେନ୍ଦ୍ରକରି ମାଓ-ସେ-ତୁଙ୍ଗଙ୍କ ସହିତ ଚେଙ୍ଗ-ଟୁ-ହିସିୟୁ ନେତୃତ୍ୱର ଦ୍ୱନ୍ଦ୍ୱ ତୁମୂଳ ଆକାର ଧାରଣ କରିବାକୁ ଲାଗିଲା ଏବଂ ୧୯୩୫ ମସିହାରେ ଦୀର୍ଘ ପଥ ଯାତ୍ରା(Long March) ସମୟରେ ଅନୁଷ୍ଠିତ ଟୁସୁନୟି ସମ୍ମିଳନୀରେ ମାଓ-ସେ-ତୁଙ୍ଗ ଦଳର ସର୍ବୋଚ୍ଚ ନେତା ଭାବରେ ନିର୍ବାଚିତ ହେଲା ପର୍ଯ୍ୟନ୍ତ ଏହି ଦ୍ୱନ୍ଦ୍ୱ ବଳବତ୍ତର ରହିଥିଲା। ଉପରୋକ୍ତ ନିବନ୍ଧଟିରେ ଗ୍ରାମୀଣ ଅର୍ଦ୍ଧ ସର୍ବହରା ଅର୍ଥାତ୍ କୃଷି ଶ୍ରମିକ ଓ ଦରିଦ୍ର କୃଷକମାନଙ୍କର ତୁଳନାମୂଳକ ବିପ୍ଳବୀ ଭୂମିକା ସଂପର୍କିତ ଆଲୋଚନାକୁ ତତ୍କାଳୀନ କେନ୍ଦ୍ରୀୟ କମିଟିର ଅଧିକାଂଶ ସଦସ୍ୟ ବିରୋଧ କରିଥିଲେ। ପାର୍ଟିର କେନ୍ଦ୍ରୀୟ ମୁଖପତ୍ରରେ ଏହି ନିବନ୍ଧଟିକୁ ପ୍ରକାଶ କରାଗଲା ନାହିଁ। ମାତ୍ର ଏହି ନିବନ୍ଧଟିରେ ମାଓ-ସେ-ତୁଙ୍ଗ କୋମିଂଟାଙ୍ଗ ଦଳର ବାସ୍ତବ ଶ୍ରେଣୀ ଚରିତ୍ର ସଂପର୍କରେ ସମୟୋପଯୋଗୀ ବିଶ୍ଳେଷଣ କରି ଏହି ଦଳର ଆପୋଷମୁଖୀ ଦୋଦୁଲ୍ୟମାନ ଓ ମୂଳତଃ କମ୍ୟୁନିଷ୍ଟ ବିରୋଧି ଚରିତ୍ର ସଂପର୍କରେ ଚେତାବନୀ ଦେଇଥିଲେ।

ଗୋଟିଏ ବର୍ଷ ମଧ୍ୟରେ ମାଓ-ସେ-ତୁଂଙ୍କର ଚେତାବନୀ ସତ୍ୟରେ ପରିଣତ ହେଲା ଏବଂ ୧୯୨୭ ମସିହରେ ନୃଶଂସ କମ୍ୟୁନିଷ୍ଟ ନିଧନ ଅଭିଯାନ ଆରମ୍ଭ ହେଲା। ମାତ୍ର ସହରାଂଚଳରେ ଏହି କମ୍ୟୁନିଷ୍ଟ ନିଧନ ଅଭିଯାନ ଚାଲିଥିଲାବେଳେ ହୁନାନ ଅଂଚଳରେ ଏହା ବିରୁଦ୍ଧରେ ବ୍ୟାପକ କୃଷକ ଆନ୍ଦୋଳନ ସଂଗଠିତ ହୋଇଥିଲା ଏବଂ ଏହା ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଥିଲା। ଏହି ପରିସ୍ଥିତିରେ ପାର୍ଟିର ୫ମ କଂଗ୍ରେସ ଅନୁଷ୍ଠିତ ହେଲା ଏବଂ ଏହି କଂଗ୍ରେସରେ ମାଓ-ସେ-ତୁଙ୍ଗ କୃଷକମାନଙ୍କର ଭୂମିକା ସଂପର୍କିତ ଏକ ପ୍ରସ୍ତାବ ଆଗତ କରିଥିଲେ। ମାତ୍ର ତତ୍କାଳୀନ ପାର୍ଟି ନେତୃତ୍ୱ ମାଓ-ସେ-ତୁଂଙ୍କର ଏହି ପ୍ରସ୍ତାବକୁ ଆଲୋଚନା ପାଇଁ ମଧ୍ୟ ଉପସ୍ଥାପିତ କଲେ ନାହିଁ। ଏହାପରେ ହୁନାନ୍ର ଚାଷୀମାନଙ୍କୁ ସୀମା ବାହାରେ 'ଅଯଥାରେ ଉତ୍ତେଜିତ' କରୁଥିବା ଅଭିଯୋଗରେ ମାଓ-ସେ-ତୁଙ୍ଗଙ୍କୁ ହୁନାନ୍ ଛାଡ଼ି ଚାଲିଯିବାକୁ ଦଳ ପକ୍ଷରୁ ନିର୍ଦ୍ଦେଶ ଦିଆଗଲା।

୧୯୨୭ ମସିହାରେ ବିପର୍ଯ୍ୟୟ ପରେ ଅନୁଷ୍ଠିତ ୫ମ ପାର୍ଟି କଂଗ୍ରେସରେ ଚେଙ୍ଗ-ଟୁ-ହିସିୟୁଙ୍କୁ ସାଧାରଣ ସଂପାଦକ ପଦରୁ ଅପସାରିତ କରି ଲି-ଲିସାନଙ୍କୁ ତାଙ୍କ ସ୍ଥାନରେ ସାଧାରଣ ସଂପାଦକ ନିର୍ବାଚିତ କରାଗଲା। ମାତ୍ର ମୂଳ ରାଜନୈତିକ ଲାଇନରେ କୌଣସି ପରିବର୍ତ୍ତନ ହେଲା ନାହିଁ। କେବଳ ପୂର୍ବ ନେତୃତ୍ୱର ଦକ୍ଷିଣପନ୍ଥୀ ଦୋଦୁଲ୍ୟମାନତା ସ୍ଥାନରେ ଲି-ଲିସାନ ବାମପନ୍ଥୀ ବିଚ୍ୟୁତି ରାସ୍ତାରେ ପାଦ ଦେଲେ ଏବଂ ଚୀନ ବିପ୍ଳବରେ ଚାଷୀମାନଙ୍କ ଭୂମିକା ସଂପର୍କରେ ମାଓଙ୍କ ତତ୍ତ୍ୱକୁ 'ଜଣେ ଚାଷୀର ମାନସିକ ସଂକୀର୍ଣ୍ଣତା' କହି ପ୍ରତ୍ୟାଖ୍ୟାନ କଲେ। ପାର୍ଟି ନେତୃତ୍ୱ ସହିତ ଏହିଭଳି ଦ୍ୱନ୍ଦ୍ୱରେ ଲିପ୍ତ ଥିଲାବେଳେ ମଧ୍ୟ ୧୯୨୮ରୁ ୩୦ ମସିହା ମଧ୍ୟରେ ଦକ୍ଷିଣ ଚୀନର ବ୍ୟପକ ଅଂଚଳରେ ମାଓ-ସେ-ତୁଂ ଚାଷୀମାନଙ୍କୁ ସଂଗଠିତ କରିଥିଲେ ଓ ଏହା ହିଁ ବାସ୍ତବରେ ଗ୍ରାମୀଣ ଚୀନରେ ବିକଳ୍ପ କ୍ଷମତାର କେନ୍ଦ୍ର ଭାବରେ ଗଢ଼ି ଉଠିଥିଲା। ଏହି ପ୍ରକ୍ରିୟାରେ ହିଁ ଚୀନର ଲାଲ ଫୌଜ(Red Army) ସଂଗଠିତ ହୋଇଥିଲା ଏବଂ ପରେ ଏହା ଗଣମୁକ୍ତି ବାହିନୀ(Peoples Liberation Army) ନାମରେ ନାମିତ ହେଲା। ଏଥିପାଇଁ ମାଓଙ୍କ ବିରୁଦ୍ଧରେ ନେତୃତ୍ୱ ପକ୍ଷରୁ କାର୍ଯ୍ୟାନୁଷ୍ଠାନର ଧମକ ଦିଆଯାଇଥିଲା। ୧୯୩୦ ମସିହାରେ ଲି-ଲିସାନ ନେତୃତ୍ୱ ହଠାତ୍ ଚାଇନାକୁ 'ବିଶ୍ୱ ବିପ୍ଳବର କେନ୍ଦ୍ର' ଭାବରେ ଘୋଷଣା କରି ଶତ୍ରୁମାନଙ୍କ ସହିତ ସମ୍ମୁଖ ସଂଗ୍ରାମ ପାଇଁ ଆହ୍ୱାନ ଦେଲେ। ଆରମ୍ଭ ହେଲା ଚାଇନାର ମୁଖ୍ୟ ସହରମାନଙ୍କରେ ତଥା କଥିତ ବିପ୍ଳବୀ ଅଭ୍ୟୁତ୍ଥାନ। ସ୍ୱାଭାବିକ ଭାବରେ ଏହି ଅପରିଣାମଦର୍ଶୀ ଅଭ୍ୟୁତ୍ଥାନକୁ ସାମ୍ରାଜ୍ୟବାଦମାନଙ୍କ ଦ୍ୱାରା ନିଷ୍ଠୁର ଭାବରେ ଦମନ କରାଗଲା ଓ ବହୁ ବିପ୍ଳବୀଙ୍କୁ ଏଥିପାଇଁ ଜୀବନ ମଧ୍ୟ ଦେବାକୁ ହେଲା। ମାଓଙ୍କ ଦ୍ୱାରା ପ୍ରତିଷ୍ଠିତ ଲାଲ ଫୌଜ ମଧ୍ୟ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହେଲା। ଏହାପରେ ଲି-ଲିସାନଙ୍କୁ କ୍ଷମତାରୁ ହଟାଇ ଓ୍ୱାଙ୍ଗ-ମିଙ୍ଗ୍ ସାଧାରଣ ସଂପାଦକ ଭାବରେ ନିର୍ବାଚିତ ହେଲେ। ଏହାପୂର୍ବରୁ ଦଳର କେନ୍ଦ୍ରୀୟ ନେତୃତ୍ୱର ବିନା ଅନୁମତିରେ ଚାଷୀମାନଙ୍କୁ ସଂଗଠିତ କରିବା ଅପରାଧରେ ମାଓ-ସେ-ତୁଙ୍ଗଙ୍କୁ ଦଳର କେନ୍ଦ୍ରୀୟ କମିଟି ଓ ପଲିଟବ୍ୟୁରୋରୁ ବହିଷ୍କାର କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ୧୯୨୧ରୁ ୩୧ ମସିହା ମଧ୍ୟରେ ପାର୍ଟି ନେତୃତ୍ୱ ସହିତ ଆଦର୍ଶଗତ ସଂଗ୍ରାମ ପରିଚଳନା ଅପରାଧରେ ମାଓ-ସେ-ତୁଂଙ୍କୁ ୩ଥର ପାର୍ଟିରୁ ଓ ୩ଥର କେନ୍ଦ୍ରୀୟ କମିଟି ଓ ପଲିଟ୍ବ୍ୟୁରୋରୁ ବହିଷ୍କାର କରାଯାଇଥିଲା। ଜଣେ ସଠିକ୍ କମ୍ୟୁନିଷ୍ଟ ଭାବରେ ପ୍ରତ୍ୟେକଥର ସେ ନେତୃତ୍ୱପ୍ରତି ସଂପୂର୍ଣ୍ଣ ଓ ଅବିଚଳ ଆନୁଗତ୍ୟ ପ୍ରକାଶ କରି ଦଳର ନିଷ୍ପତ୍ତିକୁ ଗ୍ରହଣ କରିଥିଲେ, ପାର୍ଟିର ଶୃଙ୍ଖଳା ଓ ଆଚରଣ ବିଧି ପାଳନ କରି ସଂଗ୍ରାମ ମାଧ୍ୟମରେ ପାର୍ଟି ଓ କେନ୍ଦ୍ରୀୟ କମିଟିରେ ତାଙ୍କର ପୂର୍ବସ୍ଥାନ ଫେରିପାଇଥିଲେ।

ନୂତନ ଭାବରେ ନିର୍ବାଚିତ ଓ୍ୱାଙ୍ଗ-ମିଙ୍ଗ ନେତୃତ୍ୱ ସହିତ ମଧ୍ୟ ମାଓ-ସେ-ତୁଙ୍ଗଙ୍କର ଆଦର୍ଶଗତ ସଂଗ୍ରାମ ଜାରୀ ରହିଲା ଏବଂ ୧୯୩୩-୩୪ ମସିହାବେଳକୁ ଏହା ତୀବ୍ର ରୂପ ଧାରଣ କଲା। ଏହି ନେତୃତ୍ୱର ତ୍ରୁଟିପୂର୍ଣ୍ଣ ରାଜନୈତିକ ଲାଇନ ଓ ଅନୈତିକ ପଦକ୍ଷେପ ଯୋଗୁ ଚିଆଂ କାଇସେକ୍ ସୈନ୍ୟବାହିନୀର ଆକ୍ରମଣରେ ଦକ୍ଷିଣ ଚୀନ୍ର କିଆଂସାଠାରେ ପ୍ରତିଷ୍ଠିତ ହୋଇଥିବା ପାର୍ଟିର ପ୍ରଥମ ବିପ୍ଳବୀ ପାର୍ଟି ଓ ଆଂଚଳିକ ବିପ୍ଳବୀ ସରକାରର ମୁକ୍ତାଞ୍ଚଳ ଧ୍ୱଂସପ୍ରାପ୍ତ ହୋଇଥିଲା। ଦୀର୍ଘ ଦଶ ବର୍ଷର କଠୋର ପରିଶ୍ରମ ଫଳରେ ମାଓ-ସେ-ତୁଙ୍ଗ ଏହି ବିପ୍ଳବୀ ସଂଗଠନକୁ ଗଢ଼ି ତୋଳିଥିଲେ। ଏହି ପାର୍ଟି ଗଢ଼ିଉଠିବା ପରଠାରୁ ହିଁ ଏହାକୁ ଧ୍ୱଂସ କରିବା ପାଇଁ ଚିଆଂ କାଇସେକ୍ ପରିକଳ୍ପନା ଆରମ୍ଭ କରିଥିଲା ଏବଂ ୧୯୩୦ରୁ ୩୪ ମସିହା ମଧ୍ୟରେ ସାମ୍ରାଜ୍ୟବାଦୀ ଶକ୍ତି ଓ ଯୁଦ୍ଧଖୋର ଗୋଷ୍ଠୀମାନଙ୍କ ସହାୟତାରେ ବାରମ୍ବାର କିଆଂସା ଅଭିଯାନ ଚଳାଇଥିଲା। ଓ୍ୱାଙ୍ଗ ମିଙ୍ଗ ନେତୃତ୍ୱରେ ଦୁର୍ବଳତା ପାଇଁ ଶେଷରେ ସେହି ଦୁର୍ଗଟିର ମଧ୍ୟ ପତନ ଘଟିଲା।

ଏହି ସମୟରେ ୧୯୩୨ ମସିହାରେ ଜାପାନ ଚୀନ ଆକ୍ରମଣ କଲା ଏବଂ ଚିଆଁ କାଇସେକ ସରକାର ଜାପାନ ସହିତ ଏକ ସନ୍ଧି କରି କିଆଂସା ଅଭିଯାନ ଚଳାଇ ଶେଷରେ ସଫଳ ହେଲା। ମାଓଙ୍କ ନେତୃତ୍ୱରେ ପରିଚାଳିତ ଲାଲ ଫୌଜ ପକ୍ଷରୁ ଜାପାନ ଆକ୍ରମଣ ବିରୁଦ୍ଧରେ ମିଳିତ ପ୍ରତିରୋଧ ପାଇଁ ଆହ୍ୱାନ ଦିଆଗଲା। ମାତ୍ର ଦଳର କେନ୍ଦ୍ରୀୟ କମିଟି ଏଥିପାଇଁ ୧୯୩୩ ମସିହାରେ ଶେଷ ଆଡ଼କୁ ମାଓ-ସେ-ତୁଙ୍ଗଙ୍କୁ ଦଳର ପଲିଟିବ୍ୟୁରୋରୁ ବହିଷ୍କାର କରିଥିଲା। ଏହାପରେ ତାଙ୍କୁ ବିପ୍ଳବୀ ସାମରିକ କାଉନ୍ସିଲରୁ ମଧ୍ୟ ବହିଷ୍କାର କରାଯାଇଥିଲା। ଗୋଟିଏ ପଟରେ ଜାପାନର ଆକ୍ରମଣ ଓ ଅନ୍ୟପଟରେ ଚିଆଂ କାଇସେକ୍ର ଆତଙ୍କରେ ଆତଙ୍କିତ ଦଳର କେନ୍ଦ୍ରୀୟ କମିଟି କିଆଂସାଠାରେ ଆତ୍ମଗୋପନ କଲା। ମାତ୍ର ଏହି ନେତାମାନେ ହିଁ ଶେଷ ପର୍ଯ୍ୟନ୍ତ କିଆଂସା ସଂଗଠନକୁ ଧ୍ୱଂସ ମୁହଁକୁ ଠେଲିଦେଲେ। ସେଠାରେ ସଙ୍ଗଠନ ପ୍ରାୟ ଧ୍ୱଂସପ୍ରାପ୍ତ ହେଲା ଏବଂ ସଂପୂର୍ଣ୍ଣ ଧ୍ୱଂସ ମୁହଁରୁ ସଂଗଠନକୁ ବଂଚାଇ ରଖିବାପାଇଁ ବଂଚି ରହିଥିବା ଦଳର କର୍ମୀ ଓ ଲାଲ ଫୌଜର ମୂଳ ସଂଗଠନର ସଭ୍ୟମାନଙ୍କୁ ୧୨,୫୦୦ କିଲୋମିଟର ଦୂରସ୍ଥ ସେନ୍ସା-କନସୁ ପାର୍ବତ୍ୟ ଅଂଚଳକୁ ଅପସାରିତ କରିବାପାଇଁ ସ୍ଥିର କରାଗଲା। ଉଲ୍ଲେଖଯୋଗ୍ୟ ଯେ ସେତେବେଳେ ମାଓ-ସେ-ତୁଂ ଦଳର କେନ୍ଦ୍ରୀୟ କମିଟିରୁ ବହିଷ୍କୃତ ହୋଇଥିଲେ ମଧ୍ୟ ତାଙ୍କ ପ୍ରସ୍ତାବ ଅନୁଯାୟୀ ହିଁ ତତ୍କାଳୀନ କେନ୍ଦ୍ରୀୟ ନେତୃବୃନ୍ଦ ଅନନ୍ୟୋପାୟ ହୋଇ ଏଥିରେ ସମ୍ମତି ଦେବାକୁ ବାଧ୍ୟ ହୋଇଥିଲେ। କାରଣ ଚିଆଂ କାଇସେକ୍ ଓ ସାମ୍ରାଜ୍ୟବାଦୀମାନଙ୍କର ମିଳିତ ବାହିନୀର ୯ଲକ୍ଷ ସୈନ୍ୟ ବିଶିଷ୍ଟ ସେନାବାହିନୀର ଆକ୍ରମଣରୁ ରକ୍ଷା ପାଇବାପାଇଁ ଆଉ ଅନ୍ୟ କୌଣସି ଉପାୟ ନଥିଲା।

### ଐତିହାସିକ ଦୀର୍ଘପଥ ଯାତ୍ରା (Long March)

ନିଶ୍ଚିତ ଧ୍ୱଂସର ଦ୍ୱାରଦେଶରେ ଦଣ୍ଡାୟମାନ ଚୂଡ଼ାନ୍ତ ପରାଜୟର ଗ୍ଲାନିରେ ଜର୍ଜରିତ ଏକ ସେନାବାହିନୀ ଓ ପାର୍ଟି କର୍ମୀମାନଙ୍କ ମଧ୍ୟରେ ନିଜସ୍ୱ ଉଦାହରଣ ବଳରେ ଅଫୁରନ୍ତ ଜୀବନୀ ଶକ୍ତି ଭରିଦେଇ ଓ ଅବଶ୍ୟମ୍ଭାବୀ ବିଜୟର ସ୍ୱପ୍ନ ନେଇ ମେହନତି ମଣିଷର ସୀମାହୀନ ସୃଜନଶୀଳତା ଉପରେ ଅବିଚଳ ଆସ୍ଥା ତଥା ମାର୍କ୍ସବାଦୀ ବିଜ୍ଞାନର ଅପରାଜେୟତା ସଂପର୍କରେ ଦୃଢ଼ ନିଶ୍ଚିତ କମ୍ରେଡ ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱରେ ଚୂଡ଼ାନ୍ତ ପରାଜୟ ବିଜୟର ଆଧାର ଶିଳାରେ ରୂପାନ୍ତରିତ ହେଲା। ଲକ୍ଷାଧିକ ସଂଖ୍ୟାରେ ଦଳର ନେତା, କର୍ମୀ, ସମର୍ଥକ, ଚାଷୀ, ମୂଲିଆ, ଲାଲ ଫୌଜର ସୈନ୍ୟ, ଡାକ୍ତର, ଶିକ୍ଷକ, ଛାତ୍ର ଦୁର୍ଦ୍ଧର୍ଶ ଚିଆଂ କାଇସେକ ବାହିନୀ ଓ ସାମ୍ରାଜ୍ୟବାଦୀ ମାନଙ୍କର ମିଳିତ ଷଣ୍ଢୁଆସୀ ଆକ୍ରମଣକୁ ମୁକାବିଲା କରି ପାଦରେ ଚାଲି ଚାଲି ଦୁର୍ଗମ ପାର୍ବତ୍ୟ ଉପତ୍ୟକା ଓ ଗିରିପଥ, ମରୁଭୂମି, ବିସ୍ତୀର୍ଣ୍ଣ ବରଫାବୃତ ଅଂଚଳ, ଖରସ୍ରୋତା ପାର୍ବତ୍ୟ ନଦୀକୁ ପାର ହୋଇ ଦୀର୍ଘ ୧୨,୫୦୦ କିଲୋମିଟର ରାସ୍ତା ଦୁଇ ବର୍ଷ ସମୟ ମଧ୍ୟରେ ଅତିକ୍ରମ କରି ଉତ୍ତର ଚୀନର ସେନ୍ସୀ କାନସୁଠାରେ ପହଞ୍ଚିଲା ବେଳକୁ ଇତିହାସର ମୋଡ଼ ବଦଳି ସାରିଥିଲା। ପରାଜିତ ବାହିନୀ ବିଜୟର ଦ୍ୱାରଦେଶରେ ପହଞ୍ଚି ସାରିଥିଲା। ଚଲାପଥରେ କମ୍ୟୁନିଷ୍ଟ ବିପ୍ଳବୀମାନେ ପୁଣି ଶକ୍ତି ସଂଚୟ କରିଥିଲେ ଏବଂ ସହରଙ୍କୁ ମୁକ୍ତ କରିଥିଲେ। ସହସ୍ରାଧିକ ଗ୍ରାମରେ ପ୍ରତିଷ୍ଠିତ ହୋଇଥିଲା ବିପ୍ଳବୀମାନଙ୍କର ଶାସନାଧିନ ମୁକ୍ତାଞ୍ଚଳ। ପୁଣି ଏହି ଅନନ୍ୟ ଅଭିଯାନରେ ପ୍ରାଣ ଦେଇଥିବା ହଜାର ହଜାର ସହଯୋଦ୍ଧାଙ୍କୁ ବିଜୟୀ ବିପ୍ଳବୀମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସହସ୍ରାଧିକ ସହଯୋଦ୍ଧାଙ୍କୁ ଜ୍ଞାପନ କରିଥିଲେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଏହି ଦୀର୍ଘପଥ ଯାତ୍ରା ଚାଲିଥିବା ସମୟରେ ହିଁ ଦୀର୍ଘ ୧୫ବର୍ଷ ଧରି କଠୋର ଓ ଅବିଚଳ ଆଦର୍ଶଗତ ସଂଗ୍ରାମ ପରିଚାଳନା ପରେ ଦଳ ଉପରେ ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱ ପ୍ରତିଷ୍ଠିତ ହୋଇଥିଲା। ୧୯୩୫ ମସିହାରେ କମ୍ୟୁନିଷ୍ଟ ପାର୍ଟିର ୭ମ କଂଗ୍ରେସରେ ମାଓ ଦଳର ଚେୟାରମ୍ୟାନ, ଅର୍ଥାତ୍ ସର୍ବୋଚ୍ଚ ନେତା ଭାବରେ ନିର୍ବାଚିତ ହୋଇ ୧୯୭୬ ମସିହାରେ ମୃତ୍ୟୁ ପର୍ଯ୍ୟନ୍ତ ସେହି ପଦବୀରେ ଅଧିଷ୍ଠିତ ରହି ଚୀନ ବିପ୍ଳବ ଓ ଚୀନରେ ସମାଜବାଦ ପ୍ରତିଷ୍ଠାର ନେତୃତ୍ୱ ନେଇଥିଲେ।

**ଜାପାନ ଆକ୍ରମଣ ବିରୁଦ୍ଧରେ ସଂଗ୍ରାମ ଓ**

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## କେନ୍ଦ୍ର ସରକାରଦ୍ୱାରା ଘୋଷଣା କରାଯାଇଥିବା ୟୁନିଫାଏଡ୍ ପେନ୍ସନ ସ୍କିମ ସଂପର୍କରେ
# ଏଆଇୟୁଟିୟୁସିର ବିବୃତି

ଉପରୋକ୍ତ ପ୍ରସଙ୍ଗରେ ଏଆଇୟୁଟିୟୁସିର ସାଧାରଣ ସଂପାଦକ କମ୍ରେଡ ଶଙ୍କର ଦାଶଗୁପ୍ତ ଏକ ବିବୃତିରେ କହିଛନ୍ତି ଯେ,- "ଏଆଇୟୁଟିୟୁସି ଦୃଢ ଭାବରେ ମନେକରେ ଯେ ସରକାରୀ କର୍ମଚାରୀମାନଙ୍କ ଦାବି ମୁତାବକ ପୁରୁଣା ପେନ୍ସନ ସ୍କିମ୍(OPS) ପୁନଃ ପ୍ରଚଳନ କରିବା ପରିବର୍ତ୍ତେ ବିଜେପି ନେତୃତ୍ୱରେ ପରିଚାଳିତ ବର୍ତ୍ତମାନର କେନ୍ଦ୍ର ସରକାର ୟୁନିଫାଏଡ୍ ପେନ୍ସନ ସ୍କିମ(UPS) ଘୋଷଣା କରି ଏହି କର୍ମଚାରୀମାନଙ୍କୁ ମାରାତ୍ମକ ଭାବରେ ପ୍ରତାରିତ କରିଛି। ୟୁପିଏସ୍ ସ୍ପଷ୍ଟ ଭାବରେ ପୁରୁଣା ପେନସନ୍ ସ୍କିମ୍‌ର ବିପରୀତ ଏବଂ ମୂଳତଃ ନୂଆ ପେନସନ୍ ସ୍କିମ୍(NPS) ଭଳି ଏହି ସ୍କିମ୍‌ରେ କର୍ମଚାରୀମାନଙ୍କୁ ମଧ୍ୟ ପେନସନ ପାଇଁ ଟଙ୍କା ଦେବାକୁ ହେବ। ଯେଉଁଭଳି ତରବରିଆ ଭାବରେ ସରକାର ଏହି ୟୁପିଏସ୍ ସ୍କିମ ଘୋଷଣା କରିଛନ୍ତି ସେଥିରୁ ବୁଝି ହେଉଛି ଯେ ଚାରିଟି ରାଜ୍ୟରେ ଆସନ୍ନ ବିଧାନସଭା ନିର୍ବାଚନକୁ ଆଖିରେ ରଖି ଏହା କରାଯାଇଛି।

ଆହୁରି ମଧ୍ୟ ୟୁପିଏସ୍ ସ୍କିମ ଅନୁଯାୟୀ ଜଣେ କର୍ମଚାରୀଙ୍କୁ ତାଙ୍କର ଶେଷ ବର୍ଷର ମୋଟ୍ ମୂଳ ଦରମା (Basic Pay)ର ହାରାହାରି ଶତକଡା ୫୦ ଭାଗ ପେନ୍ସନ ଆକାରରେ ଦିଆଯିବା ପାଇଁ ଘୋଷଣା କରାଯାଇଥିଲାବେଳେ ପୁରୁଣା ପେନସନ୍ ସ୍କିମ୍‌ରେ ପେନ୍ସନ୍‌ର ପରିମାଣ ଶେଷ ମାସରେ ମିଳୁଥିବା ମୋଟ ଦରମା(ମୂଳ ଦରମା+ମହଙ୍ଗା ଭତ୍ତା)ର ଶତକଡା ୫୦ ଭାଗ ଥିଲା।

ଆହୁରି ମଧ୍ୟ ପୁରୁଣା ପେନସନ୍ ସ୍କିମ୍‌ର ବିପରୀତରେ ୟୁନିଫାଏଡ୍ ପେନସନ୍ ସ୍କିମ୍‌ରେ ମହଙ୍ଗା ଭତ୍ତା, କେନ୍ଦ୍ରୀୟ ମହଙ୍ଗା ଭତ୍ତା ପରିବର୍ତ୍ତେ ଶିଳ୍ପ କ୍ଷେତ୍ରରେ ଦିଆଯାଉଥିବା ମହଙ୍ଗା ଭତ୍ତାହାର ସହିତ ଯୁକ୍ତ ରହିବ। ଏହା ସଙ୍ଗେ ସଙ୍ଗେ ପୁରୁଣା ପେନସନ୍ ସ୍କିମ୍‌ର ବିପରୀତରେ ପୁରା ପେନସନ ପାଇବାପାଇଁ ଜଣେ କର୍ମଚାରୀଙ୍କୁ ଅନ୍ତତଃ ୨୫ବର୍ଷ ଚାକିରି କରିବାକୁ ହେବ। ଅନ୍ୟଥା ଚାକିରି କାଳ ସହିତ ଆନୁପାତିକ ଭାବରେ(Pro Rota) ପେନ୍ସନ ମିଳିବ।

କାର୍ଯ୍ୟତଃ ପୁରୁଣା ପେନ୍ସନ୍ ସ୍କିମ୍ ତୁଳନାରେ ୟୁନିଫାଏଡ୍ ପେନ୍ସନ୍ ସ୍କିମ୍‌ରେ ପେନ୍ସନର ପରିମାଣ ଯଥେଷ୍ଟ କମ୍ ହେବ। ଏହାର ନୂଆ ପେନ୍ସନ୍ ସ୍କିମ୍ ସହିତ ସାମଞ୍ଜସ୍ୟ ରହିଛି। ବାସ୍ତବରେ କେତେକ ରାଜ୍ୟ ସରକାର ଦ୍ୱାରା ପୁରୁଣା ପେନ୍ସନ ବ୍ୟବସ୍ଥା ଚାଲୁ ରଖାଯିବା ଏବଂ ପୁନଃ ପ୍ରଚଳନ କରାଯିବା ଏବଂ ପୁରୁଣା ପେନସନ୍ ବ୍ୟବସ୍ଥାର ପୁନଃ ପ୍ରଚଳନ ପାଇଁ ସମଗ୍ର ଦେଶରେ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କର ଲଗାତର ଆନ୍ଦୋଳନ ଫଳରେ ବିଜେପି ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାରଙ୍କୁ ୟୁନିଫାଏଡ୍ ପେନ୍ସନ ସ୍କିମ ଘୋଷଣା କରିବାକୁ ବାଧ୍ୟ କରିଛି, ଯାହାକି ତଥାକଥିତ 'ନିଶ୍ଚିତ ପେନ୍ସନ' ନାଁରେ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ସୁକୌଶଳରେ ପ୍ରତାରିତ କରିବାପାଇଁ ଏକ ଚତୁର ପଦକ୍ଷେପ। ଏହା ମଧ୍ୟ ଆଶଙ୍କା କରାଯାଉଛି ଯେ ୟୁନିଫାଏଡ୍ ପେନ୍ସନ୍ ସ୍କିମ ଲାଗୁ ହେବାପରେ ରାଜ୍ୟ ସରକାରମାନେ ମଧ୍ୟ ଏହି ସ୍କିମ ଲାଗୁ କରିପାରନ୍ତି।

ଏହି ପରିସ୍ଥିତିରେ ଏଆଇୟୁଟିୟୁସି ସାଧାରଣ ଭାବରେ ସମସ୍ତ ସରକାରୀ କର୍ମଚାରୀ ଓ ବିଶେଷ ଭାବରେ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ସାରା ଦେଶରେ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବାପାଇଁ ଆହ୍ୱାନ ଜଣାଉଛି। ଯାହାଫଳରେ ବିଜେପି ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ପୁରୁଣା ପେନସନ ସ୍କିମ୍ ପୁନର୍ବାର ଲାଗୁ କରିବାକୁ ବାଧ ହେବ।"

# ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ ଦିଲ୍ଲୀରେ ମହାପଂଚାୟତ ପ୍ରସ୍ତୁତି

ଆଗାମୀ ସେପ୍ଟେମ୍ବର ୨୩ ତାରିଖରେ ଦିଲ୍ଲୀର ତାଲକୋଟରା ଷ୍ଟାଡିୟମରେ ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ ଏକ ସର୍ବଭାରତୀୟ କିଷାନ ମହାପଞ୍ଚାୟତ ଅନୁଷ୍ଠିତ ହେବାକୁ ଯାଉଛି। ଏହି ମହାପଞ୍ଚାୟତରେ ଭାରତବର୍ଷର ସମସ୍ତ ରାଜ୍ୟରୁ ହଜାର ହଜାର ସଂଗ୍ରାମୀ ଚାଷୀ ଯୋଗଦେବେ ଓ ଆଗାମୀ ଦିନରେ ବୃହତ୍ତର କୃଷକ ଆନ୍ଦୋଳନ ଗଢିତୋଳିବାକୁ ଯୋଜନା ପ୍ରସ୍ତୁତ କରିବେ।

ଖାଦ୍ୟ ଶସ୍ୟ ରେ ସାମଗ୍ରିକ ରାଷ୍ଟ୍ରୀୟ ବ୍ୟବସାୟ-ବାଣିଜ୍ୟ ପ୍ରଚଳନ, ଏମଏସପିକୁ ଆଇନର ଗ୍ୟାରେଣ୍ଟି ଦେବା, ସ୍ୱାମୀନାଥନ କମିଟିର ସୁପାରିଶ ଅନୁଯାୟୀ କୃଷିଜାତ ଦ୍ରବ୍ୟର ଏମଏସପି ଧାର୍ଯ୍ୟ କରିବା , ବିଦ୍ୟୁତ ବିଲ ୨୦୨୩ ସଂପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିବା,ମନରେଗା ଯୋଜନାରେ କାମ କରୁଥିବା ଲୋକଙ୍କୁ ଦୈନିକ ୬୦୦ ଟଙ୍କା ମଜୁରୀ ଦେଇ ବର୍ଷସାରା କାମ ଯୋଗାଇବା, ଚାଷୀ ଓ କ୍ଷେତ ମଜଦୁର ମାନଙ୍କୁ ମାସିକ ୫ ହଜାର ଟଙ୍କା ପେନସନ ଦେବା, ରିହାତି ମୂଲ୍ୟରେ ସାର, ବିହନ, କୀଟନାଶକ ଓ କୃଷି ଯନ୍ତ୍ରପାତି ଚାଷୀମାନଙ୍କୁ ଯୋଗାଇଦେବା, ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ ୨୦୨୩ ପ୍ରତ୍ୟାହାର କରିବା, ନିର୍ମାଣଧୀନ ଡ୍ୟାମଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରି ଚାଷ ଜମିକୁ ପାଣି ଯୋଗାଇ ଦେବା ଆଦି ୯ ଦଫା ଦାବିରେ ଏହି ମହାପଞ୍ଚାୟତ ଆୟୋଜିତ ହେଉଚି। ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ରାଜ୍ୟ ସଂଗଠନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ★

## ଚୀନ ବିପ୍ଳବର ...

(୬ଷ ପୃଷ୍ଠାର ଅବଶିଷ୍ଟାଂଶ)

**ଯୁକ୍ତଫ୍ରଣ୍ଟ ରାଜନୀତି ମାଧ୍ୟମରେ ଦ୍ୱନ୍ଦ୍ୱତତ୍ତ୍ୱର ଉପଲବ୍ଧି ନୂତନ ପର୍ଯ୍ୟାୟରେ ପହଞ୍ଚିଥିଲା।**

ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ, ଦେଶରେ ସମସ୍ତ ଦଳ ଓ ସ୍ୱାଧୀନତାକାମୀ ଶକ୍ତିମାନଙ୍କୁ ଏକତ୍ରିତ କରି ଜାପାନ ଆକ୍ରମଣର ମୁକାବିଲା କରିବାପାଇଁ ଯୁକ୍ତଫ୍ରଣ୍ଟ ଗଢିତୋଳିବା ପାଇଁ ପ୍ରଥମେ ୧୯୩୧ ମସିହାରେ ଲାଲଫୌଜ ତରଫରୁ ଏବଂ ପରେ ୧୯୩୫ ମସିହାରେ ଚୀନ କମ୍ୟୁନିଷ୍ଟ ତରଫରୁ ଆହ୍ୱାନ ଦିଆଯାଇଥିଲା। ଧିରେ ଧିରେ କମ୍ୟୁନିଷ୍ଟ ପାର୍ଟିର ଏହି ଆହ୍ୱାନ ବ୍ୟାପକ ଜନସମର୍ଥନ ହାସଲ କରିବାକୁ ଲାଗିଲା। ବିଶେଷକରି ବୁଦ୍ଧିଜୀବୀ ଓ ଛାତ୍ର ସମାଜ ମଧ୍ୟରେ ଏହାର ପ୍ରବଳ ପ୍ରଭାବ ପରିଲକ୍ଷିତ ହୋଇଥିଲା। ଏପରିକି କୋମିଂଟାଂ ଦଳର ସଭ୍ୟମାନେ ମଧ୍ୟ କମ୍ୟୁନିଷ୍ଟ ପାର୍ଟିର ଏହି ଆହ୍ୱାନକୁ ସମର୍ଥନ ଦେବା ଆରମ୍ଭ କଲେ। ଯୁଦ୍ଧଖୋର ଗୋଷ୍ଠୀମାନଙ୍କର ସୈନ୍ୟବାହିନୀ ସମେତ ହଜାର ହଜାର ସାଧାରଣ ଲୋକ କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବାକୁ ଆଗେଇ ଆସିଥିଲେ। ସୂଚନାଯୋଗ୍ୟ ଯେ ସେତେବେଳେ ମଧ୍ୟ କମ୍ୟୁନିଷ୍ଟ ପାର୍ଟି ବେଆଇନ୍ ଘୋଷିତ ହୋଇ ରହିଥିଲା। ଏହି ପରିସ୍ଥିତିରେ ଦେଶର ସ୍ୱାଧୀନତା ପାଇଁ କମ୍ୟୁନିଷ୍ଟମାନଙ୍କ ସହିତ ଯୁକ୍ତ ଫ୍ରଣ୍ଟ କରିବାପାଇଁ କୋମିଂଟାଂ ପାର୍ଟି ଉପରେ ଜନମତର ଚାପ କ୍ରମଶଃ ପ୍ରବଳ ହେବାରେ ଲାଗିଲା। ଶେଷରେ ୧୯୩୭ ମସିହାରେ ଏକ ଅବିଶ୍ୱାସନୀୟ ଏବଂ ନାଟକୀୟ ପରିସ୍ଥିତିରେ ନିଜ ସେନାବାହିନୀ ଦ୍ୱାରା ବନ୍ଦୀ ଅବସ୍ଥାରେ ଚିଆଂ କାଇସେକ୍ କମ୍ୟୁନିଷ୍ଟ ପାର୍ଟି ସହିତ ଯୁକ୍ତଫ୍ରଣ୍ଟ ଗଢିତୋଳିବା ପାଇଁ ବାଧ୍ୟ ହୋଇଥିଲେ। କହିବା ବାହୁଲ୍ୟ, ଯୁକ୍ତ ଫ୍ରଣ୍ଟ ସପକ୍ଷରେ କମ୍ୟୁନିଷ୍ଟମାନଙ୍କର ସଫଳ ପ୍ରଚାର ଫଳରେ ହିଁ ଏହା ସମ୍ଭବ ହୋଇଥିଲା।

ଏହି ଯୁକ୍ତଫ୍ରଣ୍ଟ ୧୯୩୬ ମସିହା ସେପ୍ଟେମ୍ବର ମାସରେ ଗଠିତ ହୋଇଥିଲା ଏବଂ ସାରା ବିଶ୍ୱକୁ ଚକିତ କରି ମାଓ-ସେ-ତୁଙ୍ଗ ଚିଆଂ କାଇସେକ୍‌କୁ ଏହାର ସର୍ବୋଚ୍ଚ ସେନାପତି ଭାବରେ ଅବସ୍ଥାପିତ କରିଥିଲେ। ଏହାପରେ ଏହି ଯୁକ୍ତଫ୍ରଣ୍ଟ ନେତୃତ୍ୱରେ ଚାଇନାର ସମସ୍ତ ଦେଶପ୍ରେମୀ ଶକ୍ତିମାନଙ୍କୁ ଏକତ୍ରିତ କରି ଜାପାନ ସାମ୍ରାଜ୍ୟବାଦୀମାନଙ୍କ ବିରୁଦ୍ଧରେ ଲଢେଇ ପରିଚାଳିତ ହେଲା। ଏହି ସମୟରେ ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାରୁ ଏହି ଲଢେଇର ଗୁରୁତ୍ୱ ବହୁଗୁଣିତ ହେଲା ଏବଂ ୧୯୪୫ ମସିହାରେ ଜାପାନର ଆତ୍ମସମର୍ପଣ ପରେ ଯୁକ୍ତଫ୍ରଣ୍ଟ ରାଜନୀତିର ଏକ ପର୍ଯ୍ୟାୟ ସମାପ୍ତ ହେଲା। ଏହି ୮ବର୍ଷ ଯୁକ୍ତଫ୍ରଣ୍ଟକୁ ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱରେ ପରିଚାଳିତ କମ୍ୟୁନିଷ୍ଟ ପାର୍ଟି ଅତ୍ୟନ୍ତ ଦୃଢ ବିପ୍ଳବୀ ଉଦ୍ଦେଶ୍ୟମୁଖିତା ସହକାରେ ପରିଚାଳିତ କରିଥିଲା। ଏପରିକି କମ୍ୟୁନିଷ୍ଟ ଲାଲଫୌଜର ସଦସ୍ୟମାନେ ଚିଆଂ କାଇସେକ୍ ନେତୃତ୍ୱରେ ପରିଚାଳିତ ସେନାବାହିନୀର ସୈନ୍ୟମାନଙ୍କ ସହିତ ସଂପୂର୍ଣ୍ଣ ମିଶିଯାଇ ଲଢେଇ କରିଥିଲେ। ଏହି ପ୍ରକ୍ରିୟାରେ କେବଳ ଦେଶର ସାଧାରଣ ଲୋକ ନୁହଁନ୍ତି ଚିଆଂ କାଇସେକ୍‌ଙ୍କ ସେନାବାହିନୀରେ ବିଶାଳ ସଂଖ୍ୟକ ସୈନ୍ୟ ଓ ସେନାପତି ମାନଙ୍କୁ କମ୍ୟୁନିଷ୍ଟ କର୍ମୀମାନେ ସେମାନଙ୍କର ବିପ୍ଳବୀ ଚରିତ୍ର, ସ୍ୱକୀୟ ଗୁଣାବଳୀ ଓ ମାର୍କ୍ସବାଦର ମହାନତା ଦ୍ୱାରା ପ୍ରଭାବିତ କରି ଲାଲ ଫୌଜରେ ମିଶାଇ ଦେଇପାରିଥିଲେ। ସେଥିପାଇଁ ଜାପାନର ଆତ୍ମସମର୍ପଣ ପରେ କମ୍ୟୁନିଷ୍ଟ ପାର୍ଟି ଓ ଲାଲ ଫୌଜର ଶକ୍ତି ବହୁଗୁଣ ବୃଦ୍ଧି ପାଇଥିଲା ବେଳେ ପୂର୍ବରୁ ଅତ୍ୟନ୍ତ ଶକ୍ତିଶାଳୀ ଥିବା ଦୁର୍ଦ୍ଧର୍ଷ ଚିଆଂ କାଇସେକ୍ ବାହିନୀ ସମସ୍ତ ଦିଗରୁ ଦୁର୍ବଳ ହୋଇପଡିଥିଲା।

୧୯୪୫ ମସିହାରେ ଜାପାନର ଆତ୍ମସମର୍ପଣ ପରେ ସ୍ୱାଭାବିକ ଭାବରେ ଯୁକ୍ତଫ୍ରଣ୍ଟ ଭାଙ୍ଗିଗଲା ଏବଂ ପୁଣି ଚିଆଂ କାଇସେକ୍ ବାହିନୀ ପକ୍ଷରୁ ମାର୍କିନ ସାମ୍ରାଜ୍ୟବାଦ ମାନଙ୍କ ମଦଦରେ କମ୍ୟୁନିଷ୍ଟ ପାର୍ଟି ବିରୁଦ୍ଧରେ ଅଭିଯାନ ଆରମ୍ଭ ହେଲା। ମାତ୍ର ଏଥର ଚିଆଂ କାଇସେକ୍‌କୁ ଏକ ଅତ୍ୟନ୍ତ ଶକ୍ତିଶାଳୀ, ସୁଶୃଙ୍ଖଳିତ ଓ ସଠିକ୍ ରାଜନୈତିକ ଲାଇନ୍‌ରେ ପରିଚାଳିତ କମ୍ୟୁନିଷ୍ଟ ପାର୍ଟିର ସମ୍ମୁଖୀନ ହେବାକୁ ପଡିଲା। ଚାରିବର୍ଷ ଧରି ମାର୍କିନ ସାମ୍ରାଜ୍ୟବାଦୀ ମାନଙ୍କ ମଦଦରେ କମ୍ୟୁନିଷ୍ଟମାନଙ୍କ ବିରୁଦ୍ଧରେ ଲଢେଇ କଲାପରେ ସ୍ୱାଧୀନ ଚୀନରେ ଚିଆଂ କାଇସେକ୍ ନେତୃତ୍ୱରେ ଏକ ସଖୀ କଣ୍ଟେଇ ସରକାର ପ୍ରତିଷ୍ଠା ପାଇଁ ମାର୍କିନ ସାମ୍ରାଜ୍ୟବାଦୀ ମାନଙ୍କର ସମସ୍ତ ଉଦ୍ୟମ ପଣ୍ଡ ହେଲା ଏବଂ ୧୯୪୯ ମସିହାରେ ଚିଆଂ କାଇସେକ୍ ସଂପୂର୍ଣ୍ଣ ଭାବରେ ପରାଜିତ ହୋଇ ତାଇୱାନ ଦ୍ୱୀପକୁ ପଳାୟନ କଲା। ଏହା ସହିତ ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱରେ ଚୀନ କମ୍ୟୁନିଷ୍ଟ ପାର୍ଟି ଚୀନ ଦେଶରେ ଜନଗଣତାନ୍ତ୍ରିକ(People's Democratic) ଯାହାକୁ ମାଓ-ସେ-ତୁଙ୍ଗ ନୟା ଗଣତାନ୍ତ୍ରିକ ବା New Democrtic ଭାବରେ ଅଭିହିତ କରିଛନ୍ତି) ଚାଇନାର ଭିତ୍ତି ସ୍ଥାପନ ହେଲା ଏବଂ ଦେଶର ଇତହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଲା।(କ୍ରମଶଃ)

★★★

## ବିଧାୟକମାନଙ୍କ ...

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ବହୁପ୍ରଚାରିତ ଅମୃତକାଳରେ ଦେଶ ଓ ଆମ ରାଜ୍ୟର ସାଧାରଣ ଲୋକଙ୍କ ଅବସ୍ଥା। ଯେଉଁ ରାଜ୍ୟରେ କେତେକ ମହିଳାଙ୍କୁ ମାସିକ ୮୩୩ଟଙ୍କା ୩୩ପାଇସା ପ୍ରଦାନ କରିବା ଯୋଜନାକୁ ଯୁଗାନ୍ତକାରୀ ବୋଲି କୁହାଯାଏ ଏବଂ ସେହି ଅର୍ଥ ପାଇବା ଆଶାରେ ମହିଳାମାନଙ୍କ ମଧ୍ୟରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୁଏ, ସେହି ରାଜ୍ୟର ଲୋକଙ୍କ ଅବସ୍ଥା କ'ଣ ସେକଥା ବୁଝାଇ କହିବାର ଆବଶ୍ୟକତା ନାହିଁ। ତା' ହେଲେ କର୍ମଚାରୀଙ୍କ ପେନ୍ସନ ଉଚ୍ଛେଦ କରି ସରକାର ସଂଚୟ କରିଥିବା ଅର୍ଥ କାହାପାଇଁ ଖର୍ଚ୍ଚ ହୋଇଛି ? କେବଳ ଏହି ଟଙ୍କା ନୁହେଁ, ଦେଶର ସାଧାରଣ ଲୋକଙ୍କ ତଣ୍ଟିଚିପି ଆଦାୟ କରାଯାଉଥିବା କର ଟିକସ ଅର୍ଥକୁ ଦେଶୀ ବିଦେଶୀ ପୁଞ୍ଜିପତିମାନଙ୍କୁ ନାନଦି ଆଳରେ ସରକାର ହାତଖୋଲି ଦେଇଚାଲିଛନ୍ତି। ଏହି କମ୍ପାନୀମାନଙ୍କର ଅନାଦେୟ ବ୍ୟାଙ୍କ ଋଣ ସରକାର ଛାଡ କରୁଛନ୍ତି। ଲୋକଙ୍କ ଟଙ୍କାରେ ଏହି ଋଣ ସରକାର ପରିଶୋଧ କରୁଛନ୍ତି। ଗୋଟିଏ ଦିଗରେ ସାଧାରଣ ଲୋକଙ୍କର ହାହାକାରମୟ ଅବସ୍ଥା ଅନ୍ୟପଟରେ ଏକଚାଟିଆ ପୁଞ୍ଜିପତିମାନଙ୍କର ସଂପଦର ପାହାଡ। ଏହା ହେଉଛି ଦେଶ ଓ ରାଜ୍ୟର ଅସଲ ଚିତ୍ର।

ମାତ୍ର ଅର୍ଥାଭାବର ଆଳ ଦେଖାଇ ସାଧାରଣ କର୍ମଚାରୀମାନଙ୍କର ବୃଦ୍ଧାବସ୍ଥାର ଏକମାତ୍ର ଆଶାବାଡି 'ପେନ୍ସନ'କୁ ଛଡାଇ ନେଇଥିବା ବିଧାୟକ ଓ ସାଂସଦମାନେ ନିଜପାଇଁ ଆବଶ୍ୟକ ପେନ୍ସନ ବ୍ୟବସ୍ଥା ବଳବତ୍ତର ରଖିଛନ୍ତି। କେବଳ ବଳବତ୍ତର ରଖିନାହାନ୍ତି ମାନ୍ୟବର ସାଂସଦ ଓ ବିଧାୟକମାନେ ମଝିରେ ମଝିରେ ନିଜର ଦରମା ଓ ପେନ୍ସନ ନିଜେ ବୃଦ୍ଧି କରୁଛନ୍ତି। କର୍ମଚାରୀମାନଙ୍କ ପେନ୍ସନ ଉଚ୍ଛେଦକୁ ଆଇନ ସମ୍ମତ ବୋଲି ରାୟ ଦେଇଥିବା ସୁପ୍ରିମକୋର୍ଟ ଓ ହାଇକୋର୍ଟର ମାନ୍ୟବର ବିଚାରପତିମାନେ ମଧ୍ୟ ନିଜପାଇଁ ପେନ୍ସନ ବ୍ୟବସ୍ଥା ବଳବତ୍ତର ରଖିଛନ୍ତି ଏବଂ ମଝିରେ ମଝିରେ ରାୟ ପ୍ରଦାନକରି ଅବସରପ୍ରାପ୍ତ ସୁପ୍ରିମକୋର୍ଟ ଓ ହାଇକୋର୍ଟର ବିଚାରପତିମାନଙ୍କ ପାଇଁ ଅଧିକରୁ ଅଧିକ ସୁବିଧା ସୁଯୋଗର ବ୍ୟବସ୍ଥା କରୁଛନ୍ତି। ଉଚ୍ଚ ସାମରିକ ଅଧିକାରୀ, ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ପାଇଁ ମଧ୍ୟ ପର୍ଯ୍ୟାପ୍ତ ପେନ୍ସନ ବ୍ୟବସ୍ଥା ରହିଛି।

ଏହି ପୃଷ୍ଠଭୂମିରେ ଆମ ରାଜ୍ୟ ବିଧାନସଭାରେ ବିଧାୟକମାନଙ୍କର ଦରମା, ଭତ୍ତା ଓ ପେନ୍ସନ୍ ବୃଦ୍ଧି ପାଇଁ ଦାବି ଉଠିଛି। ଆମେ ଏଠାରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବାକୁ ଚାହୁଁ ଯେ ଲୋକଙ୍କ ପାଇଁ ସର୍ବସ୍ୱ ତ୍ୟାଗକରି ନିଜର ସମସ୍ତ ବ୍ୟକ୍ତିଗତ ସ୍ୱାର୍ଥକୁ ବଳୀ ଦେଇ କାମ କରିବାକୁ ଆଗେଇ ଆସିବା ହିଁ ହେଉଛି ଜଣେ ରାଜନୈତିକ ବ୍ୟକ୍ତିଙ୍କର ଅସଲ ପରିଚୟ। ସାଂସଦ ବା ବିଧାୟକ ଭାବରେ ନିର୍ବାଚିତ ହେଲେ ଜନସାଧାରଣଙ୍କ ପ୍ରତି ଏହି ଉତ୍ତର ଦାୟିତ୍ୱ ଆହୁରି ବହୁଗୁଣ ବୃଦ୍ଧିପାଏ। ଜନସାଧାରଣଙ୍କ ପ୍ରତି ନିଜର ଉତ୍ତର ଦାୟିତ୍ୱ ପାଳନ କରିବା ପ୍ରତିବଦଳରେ ଦରମା, ଭତ୍ତା ବା ପେନ୍ସନ ଗୋଟିଏ ସମୟରେ ଆମ ଦେଶର ସ୍ୱାଧୀନତା ପାଇଁ ଲଢେଇ କରୁଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ପକ୍ଷରେ ଅଚିନ୍ତନୀୟ ଥିଲା। ଅନ୍ୟପଟରେ ଏଡିଆର(Association for Democratic Reforms) ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୨୪ ମସିହା ବିଧାନସଭା ନିର୍ବାଚନରେ ଜୟଲାଭ କରିଥିବା ଆମ ରାଜ୍ୟର ୧୪୭ଜଣ ବିଧାୟକମାନଙ୍କ ମଧ୍ୟରୁ ୧୦୭ଜଣ ହେଉଛନ୍ତି କୋଟିପତି। ଏହି ରିପୋର୍ଟ ଆହୁରି ମଧ୍ୟ ଦର୍ଶାଇଛି ଯେ ପୂର୍ବ ନିର୍ବାଚନଗୁଡିକ ତୁଳନାରେ ବିଧାନସଭାରେ କୋଟିପତି ସଦସ୍ୟମାନଙ୍କର ସଂଖ୍ୟା ଦ୍ରୁତ ବଢିଚାଲିଛି। ଏହି କୋଟିପତି ବିଧାୟକମାନେ ରାଜ୍ୟର ସାଧାରଣ ଅଭୁକ୍ତ, ଅର୍ଦ୍ଧଭୁକ୍ତ ଲୋକମାନଙ୍କ ତଣ୍ଟିଚିପି ଆଦାୟ କରାଯାଉଥିବା କର ଟିକସ ଅର୍ଥରେ ଦରମା, ଭତ୍ତା ଓ ପେନ୍ସନ ବୃଦ୍ଧି କରିବାପାଇଁ କରୁଥିବା ଦାବି ଦେଶର ସାଂପ୍ରତିକ ରାଜନୈତିକ ବ୍ୟବସ୍ଥାର ଚୂଡାନ୍ତ ଜନବିରୋଧୀ ଓ ପୈଶାଚିକ ଚରିତ୍ରକୁ ହିଁ ଜନସାଧାରଣଙ୍କ ସମ୍ମୁଖରେ ତୋଳି ଧରୁଛି। ଆମେ ବିଧାୟକମାନଙ୍କର ଏହି ଦାବିକୁ ତୀବ୍ର ବିରୋଧ କରୁଛୁ ଏବଂ ଏହି ଦାବି ବିରୁଦ୍ଧରେ ଜନଆନ୍ଦୋଳନ ଗଢିତୋଳିବାପାଇଁ ରାଜ୍ୟର ଜନସାଧାରଣଙ୍କୁ ଆହ୍ୱାନ କରୁଛୁ। ★

# ଶହୀଦମାନଙ୍କ ସ୍ମୃତିରେ ଏଆଇଡିୱାଇଓ ଉଦ୍ୟୋଗରେ ମଟର ସାଇକେଲ ଶୋଭାଯାତ୍ରା ଓ ସ୍ମୃତିସଭା

ଗତ ଅଗଷ୍ଟ ୨୬ତାରିଖରେ ଏଆଇଡିୱାଇଓ ଯାଜପୁର ଜିଲ୍ଲା କମିଟି ଉଦ୍ୟୋଗରେ ବରୀ, କଳାମାଟିଆ ଅଂଚଳର ଅମର ସହିଦ ସାଉଁଟି, ସାନନ୍ଦ, ହାଡିବନ୍ଧୁ ଓ ମାୟାଧରଙ୍କ ଶହୀଦ ଦିବସ ଉପଲକ୍ଷେ ମଟର ସାଇକେଲ ଶୋଭାଯାତ୍ରା ଓ ଶହୀଦ ପୀଠରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି । ଏହି ମଟର ସାଇକେଲ ଶୋଭାଯାତ୍ରା ବରୁହାଁ ଛକଠାରୁ ବାହାରି ଶିବାଛକ, ସଙ୍ଖାରିଗଡା, ବରୀ, ଅନ୍ୟାସୀପୁର ରାସ୍ତା ଅତିକ୍ରମ କରି କଳାମାଟିଆ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ସଂଗଠନର ଜିଲ୍ଲା ସଂପାଦକ କମ୍ରେଡ୍ ପ୍ରଶାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଆନନ୍ଦ କୁମାର ଜେନା, ତରଣୀସେନ ମଲ୍ଲିକ ପ୍ରମୁଖ ଏହି ଶହୀଦ ଶୋଭାଯାତ୍ରାକୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଶହୀଦ ପୀଠରେ ଅନୁଷ୍ଠିତ ଏହି ସଭାରେ ଏଆଇକେକେଏମ୍ଏସ୍‌ର ଓଡିଶା ରାଜ୍ୟ ସଭାପତି କୃଷକ ନେତା କମ୍ରେଡ୍ ସଦାଶିବ ଦାସ, ଏଆଇଡିୱାଇଓ ଓଡିଶା ରାଜ୍ୟ ଉପସଭାପତି କମ୍ରେଡ୍ ଶରତ ବାରିକ ଓ ଅକ୍ଷୟ ପଣ୍ଡା ବକ୍ତାଭାବେ ଯୋଗଦେଇ ଶହୀଦ ପୀଠକୁ ଜାତୀୟ ସ୍ମାରକୀ ଘୋଷଣା କରିବା, ସାଉଁଟି, ସାନନ୍ଦ, ହାଡିବନ୍ଧୁ ଓ ମାୟାଧରଙ୍କ ଜୀବନ ସଂଗ୍ରାମକୁ ପାଠ୍ୟ ପୁସ୍ତକରେ ସ୍ଥାନ ଦେବା, ୨୬ଅଗଷ୍ଟକୁ ସରକାରୀ ଛୁଟି ଘୋଷଣା କରିବା ସହିତ ଶହୀଦ ପୀଠକୁ ଆଲୋକରେ ସଜ୍ଜିତ କରିବାପାଇଁ ଦୃଢ ଦାବି କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଭାରତୀୟ ସେନା କର୍ମଚାରୀ ଶ୍ରୀଯୁକ୍ତ ରଞ୍ଜନ କୁମାର ରାଉତ, ଯୁବନେତା ସୁବାସ ମଲ୍ଲିକ, ମନୋଜ ରାଉତ, ମାନଗୋବିନ୍ଦ ସାହୁ, କିଶୋର ମଲ୍ଲିକ, ମଧୁସୁଦନ ଜେନା, କୁଳମଣି ପରିଡା, ସନ୍ତୋଷ ଲେଙ୍କା, କବି ସେଠୀ, ତରଣୀସେନ ମଲ୍ଲିକ ଓ ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ସଂଗଠିତ କରିଥିଲେ ।



# ଓଡିଶା ମିଳିତ ନିର୍ମାଣ ଶ୍ରମିକ ସଂଗଠନ ପକ୍ଷରୁ ରାଜ୍ୟ ସମ୍ମିଳନୀ




ଏଆଇୟୁଟିୟୁସି ସହବନ୍ଧିତ ଓଡିଶା ମିଳିତ ନିର୍ମାଣ ଶ୍ରମିକ ସଂଗଠନ ପକ୍ଷରୁ ଗତ ୧ ସେପ୍ଟେମ୍ବର ୨୦୨୪ରେ କଟକସ୍ଥ ଗାନ୍ଧୀ ଭବନରେ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଓଡିଶା ମିଳିତ ନିର୍ମାଣ ଶ୍ରମିକ ସଂଗଠନର ରାଜ୍ୟ ସଭାପତି ତଥା ଏଆଇୟୁଟିୟୁସିର ରାଜ୍ୟ ସଭାପତି କମ୍ରେଡ ଶମ୍ଭୁନାଥ ନାୟକ, ଶ୍ରମିକ ନେତା ପ୍ରଦୀପ୍ତ ରାମ ଓ ବିଷ୍ଣୁ ପଣ୍ଡାଙ୍କୁ ନେଇ ଏକ ସଭାପତି ମଣ୍ଡଳୀ ସମ୍ମିଳନୀକୁ ପରିଚାଳନା କରିଥିଲେ । ସଭାରେ ଆରମ୍ଭରେ କମ୍ରେଡ ରାଜକିଶୋର ମଲ୍ଲିକ ମୁଖ୍ୟ ଚିଠା ପ୍ରସ୍ତାବ ଆଗତ କରିଥିଲେ । ଶ୍ରମିକ ଆନ୍ଦୋଳନରେ ମୃତ୍ୟୁବରଣ କରିଥିବା ଶ୍ରମିକମାନଙ୍କ ଉଦ୍ଦେଶ୍ୟରେ ଏକ ଶୋକ ପ୍ରସ୍ତାବ ଆଗତ କରିଥିଲେ କମ୍ରେଡ ଅଶୋକ ସାହୁ । ମୁଖ୍ୟ ଚିଠା ପ୍ରସ୍ତାବ ସମର୍ଥନରେ ବକ୍ତବ୍ୟ ରଖିଥିଲେ ରାମଚନ୍ଦ୍ର ଶଙ୍ଖୁଆ, ପରମାନନ୍ଦ ସେଠୀ, ବିଜ୍ଞାନ ବେହେରା, ମନୋଜ ମହାନ୍ତି, ମୁଖ୍ୟବକ୍ତା ଭାବେ ଏଆଇୟୁଟିୟୁସି ରାଜ୍ୟ ସଂପାଦକ କମ୍ରେଡ ଜୟସେନ ମେହେର ଯୋଗ ଦେଇ କହିଥିଲେ ଯେ ଆଗାମୀ ଦିନରେ ନିର୍ମାଣ ଶ୍ରମିକମାନଙ୍କର ନ୍ୟାଯ୍ୟ ଦାବି ଯଥା ଅନଲାଇନ କରିଆରେ ଶ୍ରମିକମାନଙ୍କ ଅଧିକାରକୁ କାଢି ନେବା ପାଇଁ ଯେଉଁ କଟକଣା କରିଛନ୍ତି ତା ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ ଗଢିତୋଳିବା ସହିତ ଶ୍ରମିକ ଆନ୍ଦୋଳନକୁ ସଂଗଠିତ କରିବାପାଇଁ ସେ ଆହ୍ୱାନ ଦେଇଥିଲେ । ସମ୍ମିଳନୀରେ କମ୍ରେଡ ଅଶୋକ ସାହୁ ସଭାପତି ଓ କମ୍ରେଡ ରାଜକିଶୋର ମଲ୍ଲିକ ସଂପାଦକ ଭାବରେ ନିର୍ବାଚିତ ହୋଇଥିଲେ । ଏହାବ୍ୟତୀତ ୨୫ଜଣିଆ ରାଜ୍ୟ କମିଟି ମଧ୍ୟ ନିର୍ବାଚିତ ହୋଇଥିଲା ।

# ରେଳବାଇରେ ଖାଲି ପଦ ପୂରଣ ଦାବିରେ ଓ ଘରୋଇକରଣ ପ୍ରତିବାଦରେ ଯୁବ ବିକ୍ଷୋଭ







ଏଆଇଡିୱାଇଓ ଆହ୍ୱାନରେ ରେଳବାଇ ରେ ଖାଲିପଡ଼ିଥିବା ସମସ୍ତ ପଦ ତୁରନ୍ତ ପୂରଣ କରିବା, ସମସ୍ତ ରେଳଗାଡ଼ି ରେ ଅଧିକ ସଂଖ୍ୟକ ଅସଂରକ୍ଷିତ ଓ ଦ୍ୱିତୀୟ ଶ୍ରେଣୀ ବଗି ସଂଖ୍ୟା ବୃଦ୍ଧି କରିବା, ପ୍ରବାସୀ ଶ୍ରମିକ ମାନଙ୍କପାଇଁ ସଂପୂର୍ଣ୍ଣ ଅସଂରକ୍ଷିତ ରେଳଗାଡ଼ି ଚଳାଚଳ କରିବା, ବରିଷ୍ଠ ନାଗରିକ, ଶିଶୁ ଓ କିଶୋରମାନଙ୍କ ପାଇଁ ରେଳ ଟିକେଟରେ ପୂର୍ବଭଳି ରିହାତି ଦେବା ସମେତ ଅନ୍ୟାନ୍ୟ ଦାବିରେ ସେପ୍ଟେମ୍ବର ୧୨ ତାରିଖରେ ଭୁବନେଶ୍ୱରସ୍ଥ ପୂର୍ବତଟ ରେଳ ଡିଭିଜନ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସଂଗଠନର ରାଜ୍ୟ ସଭାପତି କମ୍ରେଡ ମାନସ ପାଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିକ୍ଷୋଭରେ ରାଜ୍ୟ ସମ୍ପାଦକ କମ୍ରେଡ କେଦାରନାଥ ସାହୁ, ଚୈତନ୍ୟ ମହାରଣା, ପ୍ରଶାନ୍ତ ସ୍ୱାଇଁ, କୈଳାଶ ସାହୁ, ସନ୍ତୋଷ ଲେଙ୍କା, ଭୁବନ ସର୍ଦ୍ଦାର, ସସ୍ମିତା ମହାନ୍ତି, ପ୍ରତାପ ମିଶ୍ର, ତପନ ସିଂ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିକ୍ଷୋଭ ସ୍ଥଳରୁ କମ୍ରେଡ କେଦାରନାଥ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରେଳ ଅଧିକାରୀଙ୍କ ଜରିଆରେ ରେଳ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ କମ୍ରେଡ ସୁବାସ ମଲ୍ଲିକ, ଅକ୍ଷୟ ପଣ୍ଡା, ଶରତ ବାରିକ, ଜ୍ୟୋତ୍ସ୍ନା ସାମଲ ଓ ନିରଞ୍ଜନ ନାୟକ ପ୍ରମୁଖ ସାମିଲ ହୋଇଥିଲେ । ସେହିଦିନ ରାଉରକେଲା ରେଳ ଷ୍ଟେସନ ସମ୍ମୁଖରେ ମଧ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ଓ ଦାବିପତ୍ର ପ୍ରଦାନ କରାଯାଇଥିଲା । ସଂଗଠନର ସୁନ୍ଦରଗଡ଼ ଜିଲ୍ଲା ସଭାପତି କମ୍ରେଡ ସେଖ୍ ଇସଲାମଙ୍କ ନେତୃତ୍ୱରେ ସମ୍ପାଦକ କମ୍ରେଡ ସୁବାସ ଦଣ୍ଡପାଟ, ରଶ୍ମିରଞ୍ଜନ ମଲ୍ଲିକ, ସୁଶିଲ ବାରିକ, ଅଶୋକ କମାର, କ୍ରିଷ୍ଣା ଶର୍ମା, ଲକ୍ଷ୍ମଣ ଶର୍ମା ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ ।

# କମ୍ରେଡ୍ ଜଗନ୍ନାଥ ମହାକୁରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ଦଳର ଆଠମଲ୍ଲିକ ଆଂଚଳିକ ସାଂଗଠନିକ କମିଟିର ସଭ୍ୟ କମ୍ରେଡ ଜଗନ୍ନାଥ ମହାକୁର ସେପ୍ଟେମ୍ବର ୭ ତାରିଖରେ କଟକ, ଜଗତପୁରସ୍ଥିତ ଏକ ଘରୋଇ ନର୍ସିଂ ହୋମ୍‌ରେ ଚିକିତ୍ସାଧିନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୪୨ ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଆଠମଲ୍ଲିକ ଆଞ୍ଚଳିକ ସାଂଗଠନିକ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଜଗନ୍ନାଥ ମହାକୁର ୨୦୦୪ ମସିହାରେ ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତାଧାରାର ସଂସ୍ପର୍ଶରେ ଆସି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳ ସହିତ ଯୁକ୍ତ ହୋଇଥିଲେ । ସେହିଦିନ ଠାରୁ ସେ ଆଠମଲ୍ଲିକ ଅଞ୍ଚଳରେ ପାର୍ଟି ନେତୃତ୍ୱରେ ସଂଗଠିତ ଗଣ ଆନ୍ଦୋଳନରେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଥିଲେ । ଆଠମଲ୍ଲିକ ଅଞ୍ଚଳ ସହିତ ବୌଦ୍ଧ ଜିଲ୍ଲାରେ ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ମାନଙ୍କୁ ସଂଗଠିତ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସେ ସର୍ବସ୍ତରର ଲୋକଙ୍କ ସହିତ ଅତ୍ୟନ୍ତ ସାବଲୀଳ ଭାବରେ ମିଶି ପାରୁଥିଲେ । ତାଙ୍କର ବିୟୋଗରେ ଦଳ ଜଣେ ନିଷ୍ଠାପର ସକ୍ରିୟ କର୍ମୀଙ୍କୁ ହରାଇଲା । କଟକରୁ ତାଙ୍କ ମରଶରୀର ତାଙ୍କ ପୈତୃକ ଘର ଆଠମଲ୍ଲିକର ଶର୍ଗସେଣୀ ଗ୍ରାମକୁ ଆଣିବାବେଳେ ଅନୁଗୁଳ ଠାରେ



ଏସ୍.ୟୁ.ସି.ଆଇ( କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ କମ୍ରେଡ ନିରାକାର ପଣ୍ଡା,ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ମାନସ ପାଳ, ମନ୍ଦୋଦରୀ ରାଉଳ, ସରୋଜିନୀ ନାୟକଙ୍କ ସମେତ ବହୁ ଦଳୀୟ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ତାଙ୍କ ଗ୍ରାମରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ବ୍ରଜବନ୍ଧୁ ସାହୁ, ତୀର୍ଥବାସୀ ଭୋଇଙ୍କ ସମେତ ଆଠମଲ୍ଲିକ ଅଞ୍ଚଳର ବହୁ ଦଳୀୟ କର୍ମୀ ଓ ଶୁଭେଚ୍ଛୁ ତାଙ୍କୁ ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ ।

***କମ୍ରେଡ ଜଗନ୍ନାଥ ମହାକୁର ଲାଲ ସଲାମ***

# ଏଆଇୟୁଟିୟୁସି ସୁନ୍ଦରଗଡ଼ ଜିଲ୍ଲା ସମ୍ମିଳନୀ

ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ, ସର୍ବନିମ୍ନ ମାସିକ ମଜୁରୀ ୨୮ ହଜାର, ରାଷ୍ଟ୍ରାୟତ୍ତ ଶିଳ୍ପର ଘରୋଇକାରଣ ବନ୍ଦ, ସ୍କିମ ଶ୍ରମିକଙ୍କୁ ସରକାରୀ ମାନ୍ୟତା, ନିର୍ମାଣ ଶ୍ରମିକଙ୍କୁ ସମସ୍ତ ସହାୟତା ପ୍ରଦାନ ଇତ୍ୟାଦି ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସିର ୩ୟ ସୁନ୍ଦରଗଡ ଜିଲ୍ଲା ସମ୍ମିଳନୀ ରାଉରକେଲା ଡେଲିମାର୍କେଟ ସ୍ଥିତ ୱାର୍କର୍ସ ଆଣ୍ଡ ପିଜାଣ୍ଟସ୍ ହାଉସ ଠାରେ ସେପ୍ଟେମ୍ବର ୧୧ ତାରିଖରେ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଶ୍ରମିକ ନେତା କମ୍ରେଡ୍ ସତ୍ୟପ୍ରିୟ ମହାନ୍ତି ଏହି ସମ୍ମିଳନୀରେ ଅଧକ୍ଷତା କରିଥିଲେ । ସର୍ବପ୍ରଥମେ ୟୁନିୟନର ପତାକା ଉତ୍ତୋଳନ ଓ ଶହୀଦ ବେଦୀରେ ମାଲ୍ୟାର୍ପଣ କରାଯାଇଥିଲା । ସମ୍ମାନୀୟ ଅତିଥି ଭାବେ ସଙ୍ଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ ଶଙ୍କର ଦାଶଗୁପ୍ତା ଯୋଗ ଦେଇଥିବାବେଳେ, ରାଜ୍ୟ କମିଟିର ବରିଷ୍ଠ ଉପସଭାପତି କମ୍ରେଡ ବିଷ୍ଣୁ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ରାଜ୍ୟ ସମ୍ପାଦକ ଜୟସେନ ମେହେର ଅନ୍ୟତମ ବକ୍ତା ଭାବରେ ସମ୍ମିଳନୀ ରେ ଉପସ୍ଥିତ ଥିଲେ । ସଂଗଠନର ସୁନ୍ଦରଗଡ ଜିଲ୍ଲା ସମ୍ପାଦକ କମ୍ରେଡ ଅଜିତ ନାୟକ ସମ୍ମିଳନୀର ମୁଖ୍ୟ ପ୍ରସ୍ତାବ ଆଗତ କରିଥିଲେ । ମହିଳା ସାଂସ୍କୃତିକ ସଂଗଠନର ସର୍ବଭାରତୀୟ




ସାଧାରଣ ସମ୍ପାଦିକା କମ୍ରେଡ ଛବି ମହାନ୍ତି, ସଂଗଠନର ଜିଲ୍ଲା କୋଷାଧକ୍ଷ କମ୍ରେଡ ଶ୍ରୀନିବାସ ସେଠୀ ପ୍ରମୁଖ ମଂଚାସୀନ ଥିଲେ । ସମ୍ମିଳନୀ ରେ କମ୍ରେଡ ସତ୍ୟପ୍ରିୟ ମହାନ୍ତି ଜିଲ୍ଲା ସଭାପତି ଓ କମ୍ରେଡ୍ ବିଷ୍ଣୁ ପଣ୍ଡା ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ଏହା ବ୍ୟତୀତ ୨୩ ଜଣିଆ ଜିଲ୍ଲା କମିଟି ଓ ୧୮ ଜଣ ସାଧାରଣ ସଭ୍ୟଙ୍କୁ ନେଇ ସୁନ୍ଦରଗଡ ଜିଲ୍ଲା କମିଟି ଗଠନ କରାଯାଇଥିଲା । ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଇସ୍ପାତ ଶିଳ୍ପ, ଇଂଜିନିୟରିଂ ଶିଳ୍ପ, ରେଳବାଇ ତଥା ସ୍କିମ କର୍ମଚାରୀ ଓ ନିର୍ମାଣ ଶ୍ରମିକ ମାନେ ଯୋଗଦାନ କରିଥିଲେ ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das